## ସଂକ୍ଷେପରେ

### ଶିଶୁକନ୍ୟା ସୁଇଟ୍‌ଙ୍କୁ ମିଳିଲା ସହାୟତା ଧରିତ୍ରୀ ପ୍ରଭାବ

ଦଶମନ୍ତପୁର,୪।୬( ଡି.ଏନ୍.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଦୁଆରଶୁଣି ପଞ୍ଚାୟତର ଅନଗାରଗୁଡ଼ା ଗ୍ରାମର ଆଦିବାସୀ ସାହିରେ ସ୍ତ୍ରୀ ସମ୍ବାରୀ ଓ ବର୍ଷକର ଝିଅ ସୁଇଟ୍‌କୁ ନେଇ ବସବାସ କରୁଥିବା ନିତ୍ୟା ଦିଶାରୀଙ୍କ ଝିଅଙ୍କୁ ମିଳିଛି ସହାୟତା। ଜନ୍ମରୁ ସୁଇଟ୍ ବେକ ପଛ ପଟେ ଥିବା ଏକ ଛୋଟ ଘା' କ୍ରମଶଃ ବଡ ହୋଇ ମାଂସପିଣ୍ଡୁଳା ରୂପେ ବଢିବାରେ ଲାଗିଥିଲା। ଝିଅର ଚିକିତ୍ସା ନିତ୍ୟା ବିଭିନ୍ନ ଡାକ୍ତରଖାନାରେ କରିଥିଲେ ମଧ ଅର୍ଥାଭାବରୁ ଆଉ ଝିଅକୁ ବ୍ରହ୍ମପୁର ନେଇ ଚିକିତ୍ସା କରିପାରି ନ ଥିଲେ। ଏନେଇ ଗତ ୩ ତାରିଖରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଏବେ ନିତ୍ୟାଙ୍କୁ ସ୍ୱାସ୍ଥ୍ୟବିଭାଗ ସହାୟତାର ହାତ ବଢାଇଛି। ତାଙ୍କ ଝିଅର ଚିକିତ୍ସା ଲାଗି ସମସ୍ତ ପଦକ୍ଷେପ ନେଇଛି। ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପାର୍ଥସାରଥୀ ପଣ୍ଡାଙ୍କ ନେତୃତ୍ୱରେ ବିପିଏମ୍ ଶ୍ରୀକାନ୍ତ ଦାସ ଏବଂ ଆରବିଏସ୍‌କେ ଟିମ୍ ଡାକ୍ତର କମଳ ଲୋଚନ ସର୍ଦ୍ଦାର ଅନଗାରଗୁଡ଼ା ଗ୍ରାମରେ ପହଞ୍ଚି ଯନ୍ତ୍ରଣାରେ ଛଟପଟ ହେଉଥିବା ସୁଇଟ୍‌କୁ ଆଣି ରବିବାର କଟକ ବଡ଼ ମେଡ଼ିକାଲର ଶିଶୁ ଭବନକୁ ପଠାଇଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ହେବ ବୋଲି ଡାକ୍ତର ପଣ୍ଡା କହିଛନ୍ତି।

### ମୃତକଙ୍କୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଶ୍ରଦ୍ଧାଞ୍ଜଳି



ମାଲକାନଗିରି,୪।୬ (ଡି.ଏନ୍.ଏ)-ବାଲେଶ୍ୱର ବାହାନଗାଠାରେ ଘଟିଥିବା ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ରବିବାର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛି। ସଂଘ ସଭାପତି ବାଲାରାଜୁ ପାଢୀଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଅଶୋକ ସାମଲ, ଜୟଦେବ ରାଉଳ, ଜଗନ୍ନାଥ ତିଆଡ଼ି, ପୂର୍ଣ୍ଣସାହୁ, ଅଭିମନ୍ୟୁ ବେହେରା, କାର୍ଯ୍ୟକାରୀ ସଦସ୍ୟମାନେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

### ଦୌଡ଼କୁଦ ପ୍ରତିଯୋଗିତା ଚୟନ ଶିବିର ଉଦ୍‌ଯାପିତ

ରାଜ୍ୟସ୍ତରକୁ ଯିବେ ୩୦ ମନୋନୀତ ଖେଳାଳି

କୋରାପୁଟ,୪।୬(ସ୍ୱ.ପ୍ର.)- ୬୯ତମ ଓଡ଼ିଶା ରାଜ୍ୟ ଦୌଡକୁଦ ପ୍ରତିଯୋଗିତା ପାଇଁ କୋରାପୁଟ ଷ୍ଟାଡିୟମଠାରେ ଚାଲିଥିବା ଦୁଇଦିନିଆ ଖେଳାଳି ଚୟନ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ରାଜ୍ୟ ସ୍ତରରେ ହେବାକୁ ଥିବା ଏହି ଦୌଡକୁଦ ପ୍ରତିଯୋଗିତା ପାଇଁ ଏହି ଚୟନ ଶିବିରରୁ ୩୦ ଜଣ ଖେଳାଳି ଚୟନ ହୋଇଥିବା ଜିଲା କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଚୟନ ଶିବିରରେ କୋରାପୁଟ ଜିଲାର ୧୪ଟି ବ୍ଲକରୁ ୧୫୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଚଳିତମାସ ୨୨ରୁ ୨୫ ତାରିଖ ଯାଏ ଭୁବନେଶ୍ୱରଠାରେ ହେବାକୁ ଥିବା ୬୯ ତମ ଓଡିଶା ରାଜ୍ୟ ଦୌଡକୁଦ ପ୍ରତିଯୋଗିତାରେ ଜିଲାରୁ ଚୟନ ହୋଇଥିବା ଏହି ୩୦ ଜଣ ଖେଳାଳି ସେଠାରେ ଅଂଶ ଗ୍ରହଣ କରିବେ। ବିଭିନ୍ନ ବର୍ଗରେ ଲମ୍ଫଡିଆଁ, ଜାଭେଲିନ ଥ୍ରୋ, ଡିସକସ ଥ୍ରୋ, ଶଟ୍‌ପୁଟ ଥ୍ରୋ, ୧୦୦, ୨୦୦, ୪୦୦, ୮୦୦, ୧୦୦୦, ୧୫୦୦ ଓ ୩ ହଜାର ମିଟର ଦୌଡ ପ୍ରତିଯୋଗିତାରେ ଏହି ଖେଳାଳିମାନେ ସାମିଲ ହେବେ।

### ୩୨ ୟୁନିଟ ରକ୍ତ ସଂଗ୍ରହ

ଜୟପୁର, ୪।୬ (ନି.ପ୍ର.)- ଜୟପୁରସ୍ଥିତ ଆଶୁତୋଷ ପାଠୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଜୟପୁର ବାଙ୍କମଠସ୍ଥିତ ରକ୍ତଦାନ କେନ୍ଦ୍ରରେ ଏହି ଶିବିର ହୋଇଥିଲା। ଶିବିରରେ ପରିଚାଳକ ପ୍ରଫୁଲ ପାଠୀ, ଗୁରୁପ୍ରସାଦ ସାହୁ, ପ୍ରଫୁଲ ରଣା, ସୁବାସ ମହାପାତ୍ର, ନବିନ ବିଷୋୟୀ, ପୁରବନ୍ଦ ନାୟକ, ଅମିତା ମଲ୍ଲିକ, ଅନ୍ନପୂର୍ଣ୍ଣା ଶତପଥୀ, ପ୍ରମୋଦ ରାଉଳ ଉପସ୍ଥିତ ଥିଲେ। ଶିବିରରୁ ୩୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।



ଶନିବାର କୋରାପୁଟ ଜିଲା ସୁନାବେଡା ମାଥାଲପୁଟ ଅଞ୍ଚଳରେ ଆଇସକ୍ରିମ୍ ଖାଇ ଅସୁସ୍ଥ ହୋଇପଡି ଚିକିତ୍ସାଧୀନ ଥିବା ବ୍ୟକ୍ତିମାନଙ୍କୁ ବିଧାୟକ ପିତମ ପାଢୀ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି।

## ଶାବର ଶ୍ରୀକ୍ଷେତ୍ରରେ ଦାରୁଦିଅଁଙ୍କ ସ୍ନାନ ଉତ୍ସବ





ରବିବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ କୋରାପୁଟ ଶାବର ଶ୍ରୀକ୍ଷେତ୍ର, ଜୟପୁର ଓ ନନ୍ଦପୁରରେ ଚତୁର୍ଦ୍ଧାମୂର୍ତ୍ତି ହାତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ।

# ୧୦୮ କଳସ ଜଳରେ ସ୍ନାନ କଲେ ମହାବାହୁ

କୋରାପୁଟ/ଜୟପୁର/ନନ୍ଦପୁର/ସୁନାବେଡା/ଦଶମନ୍ତପୁର, ୪।୬ (ସ୍ୱ.ପ୍ର./ନି.ପ୍ର./ଡି.ଏନ.ଏ.)

ଶାବର ଶ୍ରୀକ୍ଷେତ୍ରରେ ରବିବାର ଶ୍ରୀଜୀଉ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ କରିଛନ୍ତି। ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲଙ୍କ ତତ୍ତ୍ୱାବଧାନରେ ତିନି ଠାକୁରଙ୍କ ନୀତି ସମ୍ପନ୍ନ ହୋଇଥିଲା। ସକାଳ ମହାଧୂପ ,ଆଳତି ପରେ ସାଢେ ୭ଟାରୁ ୮ଟା୧୫ ମଧ୍ୟରେ ମନ୍ଦିର ପରିସର ଚମ୍ପାବଣରେ ଥିବା ସୁନାକୁଅରୁ ୧୦୮ କଳସ ଜଳ ସଂଗ୍ରହ ହୋଇ ଆସିଥିଲା। ସାଢେ ୧୧ରୁ ଅପରାହ୍ନ ୧ଟା ମଧ୍ୟରେ ଠାକୁରମାନଙ୍କୁ ପହଣ୍ଡି କରାଯାଇ ସ୍ନାନମଣ୍ଡପକୁ ନିଆଯାଇଥିଲା। ସେଠାରେ ହୋମ ଓ ପୂଜାର୍ଚ୍ଚନା ପରେ ଠାକୁରମାନଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ଶ୍ରୀଜୀଉ ଗଜାନନ ବେଶରେ ଅପରାହ୍ନ ୩ଟାରୁ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମହାପ୍ରଭୁଙ୍କ ଏହି ଦୁର୍ଲ୍ଲଭ ବେଶ ଦେଖିବା ପାଇଁ କୋରାପୁଟ ଜିଲା ସମେତ ଜିଲା ବାହାରୁ ଶାବର ଶ୍ରୀକ୍ଷେତ୍ରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଟାଉନଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଥିଲା।

ଜୟପୁର ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ସ୍ନାନ ପରେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ୧୦୮ ହାଣ୍ଡିର ଜଳ, ପଇଡ, ନଡିଆ ପାଣିରେ ସ୍ନାନ ପରେ ଶ୍ରୀଜୀଉ, ପିତତପାବନ, ସୁଦର୍ଶନ ଗଜାନନ ବେଶ ହୋଇଥିଲେ। ସୁନାରି ସାହି ବାସିନ୍ଦା ବଳଭଦ୍ରଙ୍କୁ, ସାମନ୍ତରା ସାହି ବାସିନ୍ଦା ଜଗନ୍ନାଥଙ୍କୁ ଏବଂ ଢେରାସାହି ବାସିନ୍ଦା ସୁଭଦ୍ରାଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଆଣିଥିଲେ। ଠାକୁରଙ୍କ ଗଜାନନ ବେଶ ସହ ଦେବସ୍ନାନ ନୀତି ଦେଖିବାକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଟାଉନ ଥାନା ପୋଲିସ ମୁତୟନ ହୋଇଥିଲେ। ମହାପ୍ରଭୁ ୧୫ ଦିନ ଅଣସରରେ ରହିବା ପରେ ନେତ୍ର ଉତ୍ସବ ଓ ନବଯୌବନ ବେଶରେ ଦର୍ଶନ ଦେଇ ଘୋଷଯାତ୍ରାରେ ବାହାରିବେ। ଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଉମ୍ବରୁଧର ପଣ୍ଡା, ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତି ତୁଲାଇଥିଲେ।



ହାଲ ଜିଏମ୍ ସୁଧାଂଶୁ ମୋହନ ଜେନା ଛେରାପହଁରା କରୁଛନ୍ତି।

ନନ୍ଦପୁର ବ୍ଲକ ସଦର ମହକୁମାସ୍ଥିତ ଐତିହାସିକ ଜଗନ୍ନାଥ ମନ୍ଦିରରେ ରବିବାର ଠାକୁରଙ୍କ ଦେବସ୍ନାନ ବିଧି ସ୍ନାନ ମଣ୍ଡପରେ ପାଳିତ ହୋଇଛି। ସ୍ନାନ ପରେ ତିନି ଠାକୁର ଚଳିତ ବର୍ଷ ପ୍ରଥମ କରି ଗଜାନନ ବେଶରେ ଦର୍ଶନ ଦେଇଥିଲେ। ପୂଜକ ପ୍ରଦୀପ ଦାଶ, ପୁରୋହିତ ରାଜ କିଶୋର ଦାଶ ପୂଜାବିଧି ସମ୍ପନ୍ନ କରିଥିଲେ। ବ୍ରାହ୍ମଣ ନିଯୋଗର ସଭାପତି ବିଜୟ ପାଢ଼ୀ, ଶଙ୍କର ପଣ୍ଡା, ନରସିଂହ ଦାସ, ସନତ ପଣ୍ଡା, ଅନିଲ ପଣ୍ଡା, ସୁରେଶ ପଣ୍ଡା, ସୁନୀଲ ପଣ୍ଡା, କୀର୍ତ୍ତନ ମଣ୍ଡଳୀ ସହ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ ଲୋକନାଥ ଚୌଧୁରୀ, ଗୋପାଳ କୃଷ୍ଣ ବେବର୍ତ୍ତା, ଲିଙ୍ଗରାଜ ଚୌଧୁରୀ, ତୁଷାରକାନ୍ତ ମହାନ୍ତି ପରିଚାଳନା କରିଥିଲେ। ନନ୍ଦପୁର ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିଭଳି ବ୍ଲକ ଅଞ୍ଚଳରେ ଥିବା ପାଡୁଆ , ଚାଟୁଆ ପଞ୍ଚାୟତ ଉପର କଣ୍ଡାପାଲି ଓ ହାଟଗୁଡା ପଞ୍ଚାୟତ ତୁମ୍ଭାକୋଟାସ୍ଥିତ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ବିଧି ପାଳିତ ହୋଇଛି।

ସୁନାବେଡା ହାଲସ୍ଥିତ ସ୍ୱର୍ଣ୍ଣକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନ ଉତ୍ସବ ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ରୀତିନୀତି ଅନୁଯାୟୀ ରବିବାର ସକାଳ ୫ଟା ୪୫ରେ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତି ହୋଇ ୯ଟା୧୫ରେ ଶ୍ରୀ ଜୀଉଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯାଇଥିଲା । ୧୦ଟାରେ ହାଲର ଜିଏମ୍ ସୁଧାଂଶୁ ମୋହନ ଜେନା ଛେରା ପହଁରା କରିଥିଲେ। ପରେ ୧୦୮ ଗରା ଜଳରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ପୂର୍ବାହ୍ନ ସାଢେ ୧୧ଟାରେ ତିନି ଦିଅଁ ହାତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀଜୀଉଙ୍କ ଏହି ଅପୂର୍ବ ବେଶ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ମନ୍ଦିରରେ ଲାଗିଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସରୋଜ ପଣ୍ଡା ,ସମ୍ପାଦକ ସୁରଜିତ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଦଶମନ୍ତପୁର ବ୍ଲକ ସଦର ମହକୁମାରେ ଦେବସ୍ନାନ ପୂର୍ଣ୍ଣିମାରେ ଦାରୁଦିଅଁଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ବେଣୁଧର ପାତ୍ରଙ୍କ ତତ୍ତ୍ୱାବଧାନରେ ବଦଳିକୁଡୁମାସ୍ଥିତ ତ୍ରିବେଣୀ ନଦୀରୁ ଜଳ ଅଣାଯାଇ ସମସ୍ତ ନୀତିକାନ୍ତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯାଇଥିଲା। ବିଶ୍ୱନାଥ ବିଶୋୟୀ, ରମେଶ ନାୟକ, ପଦ୍ମନ ସାଗର, ପୂଜକ ବଂଶୀଧର ଖାଡ଼ଙ୍ଗା, ଦେବରାଜ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

## ମା ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଜୟପୁର, ୪।୬ (ନି.ପ୍ର.)

ଜୟପୁରର ନାରାୟଣ ମନ୍ଦିରସାହି ସ୍ଥିତ ଶ୍ରୀ ସଙ୍କଟ ମୋଚନୀ ମହାମାୟୀ ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଉତ୍ସବ ରବିବାର ଆରମ୍ଭ ହୋଇଛି। ଏହା ୮ ତାରିଖ ଯାଏ ୫ ଦିନ ଧରି ଚାଲିବ। ଘୃତଯଜ୍ଞ, ଷୋଡଷୋପଚାର ପୂଜା, ଚଣ୍ଡୀ ପାରାୟଣ ହେବ। ରବିବାର ଦିକ୍ଷାଗ୍ରହଣ, ଅଙ୍କୁରାରୋପଣ, ମଣ୍ଡଳାଧିବାସ କରାଯାଇଛି। ୫ ତାରିଖରେ କଳସଯାତ୍ରା, ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣବରଣ, ମଣ୍ଡଳ ପୂଜା, ପାବତ୍ୟାଗ୍ନି ସ୍ଥାପନା, ୬ରେ ମଣ୍ଡଳ ପୂଜା ନୁତନ ବିଗ୍ରହଙ୍କ ଅଧିବାସ, ନେତ୍ରୋତ୍ସବ, ଘୃତଯଜ୍ଞ, ନାମ ଯଜ୍ଞାରମ୍ଭ ହେବ। ୭ରେ ମହାସ୍ନାନ, ମଣ୍ଡଳ ପୂଜା, ଘୃତଯଜ୍ଞ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ ନାମଯଜ୍ଞାରମ୍ଭ ଜୀବନ୍ୟାସ ଏବଂ ୮ରେ ପାର୍ଶ୍ୱଦ୍ୱାର, ତ୍ରିଶୁଳ, ଧ୍ୱଜ ସ୍ଥାପନ ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ହୋଇଛି। ଗଞ୍ଜାମର ପଣ୍ଡିତ ଅଶୋକ ପାଢୀ ସମସ୍ତ ପୂଜା ଦାୟିତ୍ୱ ତୁଲାଉଛନ୍ତି।

## ଶିଶୁଗୃହ ଅନ୍ତେବାସୀଙ୍କ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ମାଲକାନଗିରି,୪।୬ (ଡି.ଏନ୍.ଏ)

ଗତ ମେ ମାସ ୩୧ ତାରିଖଠାରୁ ଶିଶୁଗୃହର ଅନ୍ତେବାସୀଙ୍କୁ ନେଇ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଶିବିରନ୍-୨୦୨୩ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍, ମାଲକାନଗିରି ଓ ଜିଲା ପ୍ରଶାସନ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲାରେ ଥିବା ତିନୋଟି ଶିଶୁ ଯତ୍ନ ଅନୁଷ୍ଠାନର ୧୬୦ ଜଣ ଅନ୍ତେବାସୀ ଓ ୪୦ ଜଣ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଶିଶଙ୍କ ଆଗ୍ରହ ଓ ଦକ୍ଷତାକୁ ଆଧାର କରି ସେମାନଙ୍କୁ ଆତ୍ମସୁରକ୍ଷାର କୌଶଳ, କଠିନ ପରିସ୍ଥିତିରେ ମୁକାବିଲା, ସ୍ୱଚ୍ଛ ଓ ସୁସ୍ଥ ରହିବାର କୌଶଳ, ଯୋଗ ଓ ଧ୍ୟାନ ପ୍ରଶିକ୍ଷଣ, ସଙ୍ଗୀତ, ନୃତ୍ୟ, ଅଭିନୟ , ଚିତ୍ରକଳା ଓ ଶିଶୁ ଅଧିକାର ଆଇନ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ଶିଶୁମାନଙ୍କ ବୌଦ୍ଧିକ ବିକାଶ ଓ ସେମାନଙ୍କ ମଧ୍ୟରେ ଥିବା ସୃଜନୀ ଶକ୍ତିର ବିକାଶ ପାଇଁ ସେମାନଙ୍କୁ ପ୍ରସଙ୍ଗଭିତ୍ତିକ ସମସ୍ୟା ଉପସ୍ଥାପନା ସମ୍ପର୍କରେ କୌଶଳ ଓ ପ୍ରଣାଳୀ ଉପରେ ଶିକ୍ଷାଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ ଅନ୍ୟତମ ଅତିଥି ରୂପେ ଆରକ୍ଷୀ ଉପ ଅଧୀକ୍ଷକ ସତ୍ୟ ବିକାଶ ଭୂୟାଁ, ଜିଲାମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ,ସଦସ୍ୟ ବିଭୂତି ଭୂଷଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ଉଦ୍‌ଯାପନୀ ଉତ୍ସବରେ ଅତିଥି ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରୁଛନ୍ତି ।

## ଆର୍‌ଏସ୍‌ଏସ୍‌ର ଶିକ୍ଷାବର୍ଗ ଉଦ୍‌ଯାପିତ

ଦାମନଯୋଡି,୪।୬(ଡି.ଏନ.ଏ.)–

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍)ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରଥମ ବର୍ଷ ସଂଘ ଶିକ୍ଷାବର୍ଗ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ୨୦ଦିନ ଧରି ଚାଲିଥିବା ଏହି ଶିବିରରେ ପଶ୍ଚିମ ଓଡ଼ିଶାର ୧୪ ଜିଲାର ୧୭୮ସ୍ଥାନରୁ ୨୮୭ ଶିକ୍ଷାର୍ଥୀ, ୩୨ଜଣ ଶିକ୍ଷକ ଓ ୩୨ଜଣ ପ୍ରବନ୍ଧକଙ୍କ ସମେତ ମୋଟ ୩୪୮ଜଣ ଯୋଗ ଦେଇଥିଲେ। ଏଥିରେ ଉଭୟ ଶାରୀରିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରାଯାଇଥିଲା। ଶନିବାର ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଶିକ୍ଷାର୍ଥୀମାନେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସହ ସଦଭାବନା ପ୍ରମୁଖ ଡ. ଗୋପାଳ ପ୍ରସାଦ ମହାପାତ୍ର ମୁଖ୍ୟବକ୍ତା ରୂପେ ଉଦ୍‌ବୋଧନ ଦେଇ ବ୍ୟକ୍ତି ନିର୍ମାଣ, ସୁସ୍ଥ ସଙ୍ଗଠିତ ସମାଜ ଗଠନ ଓ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ଦିଗରେ ସଂଘର ରହିଥିବା ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମଣ ନାୟକ ପରଜା ଆଦିବାସୀ ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବଡନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅବସରପ୍ରାପ୍ତ ଆୟୁର୍ବେଦିକ ଚିକିତ୍ସକ ଡା. ବିପିନ ବିହାରୀ ମିଶ୍ର ବର୍ଗର ବିବରଣୀ ପାଠ କରିଥିଲେ। ବର୍ଗର କାର୍ଯ୍ୟବାହ ହରେକୃଷ୍ଣ ମାଝୀ ଅତିଥି ପରିଚୟ ଦେଇଥିଲେ। ପ୍ରାନ୍ତୀୟ ଅଧିକାରୀ ଗଣେଶ ମହାପାତ୍ର, ବିଷ୍ଣୁ ପାତ୍ର, ଅଶୋକ ପାଢ଼ୀ, ଶଙ୍କର ପଣ୍ଡା, ହରିଶ୍ଚନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ଅଧିବେଶନ, ନୂତନ କର୍ମକର୍ତ୍ତା ନିର୍ବାଚନ



ଖବରଦାତାମାନେ ଶପଥପାଠ କରୁଛନ୍ତି ।

ମାଲକାନଗିର,୪।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘର ଜିଲାସ୍ତରୀୟ ବୈଠକ ସହ ଆସନ୍ତା ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶିବଦତ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ୭୦ରୁ ଊର୍ଦ୍ଧ୍ୱ ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ସଂଘରୁ ଆସିଥିବା ନରସିଂହ ବ୍ରହ୍ମା ଓ ପ୍ରଦୀପ କୁମାର ବକ୍ସି ଉପସ୍ଥିତ ରହି ସଂଘ ସମ୍ବନ୍ଧରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର ସାମ୍ବାଦିକଙ୍କ ଲାଗି ସାମାଜିକ ସୁରକ୍ଷା ଆଇନ ଲାଗୁ କରିବା, ସ୍ୱାସ୍ଥ୍ୟ ବୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି,ବିଭିନ୍ନ ଜିଲାରେ ସାମ୍ବାଦିକମାନଙ୍କ ଉପରେ ହେଉଥିବା ଆକ୍ରମଣ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସମସ୍ତ ସାମ୍ବାଦିକଙ୍କୁ ଅବସରକାଳୀନ ପେନ୍‌ସନ୍ ପ୍ରଦାନ ଇତ୍ୟାଦିକୁ ସରକାର ତୁରନ୍ତ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା।

ପରେ ପରେ ଆସନ୍ତା ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପରିଚାଳନା ଦାୟିତ୍ୱରେ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶରେ ବ୍ରହ୍ମା, ବକ୍ସି ଓ ସାହୁ ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଭାବେ ଦୁର୍ଯ୍ୟୋଧନ ପାତ୍ର ପୁନର୍ବାର ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ମିଶ୍ର, ଉପ ସଭାପତି ମୁକୁନ୍ଦ ନାୟକ, ସାଧାରଣ ସମ୍ପାଦ ଶ୍ରୀନିବାସ ପାତ୍ର, କାର୍ଯ୍ୟାଳୟ ସମ୍ପାଦକ ସତ୍ୟନାରାୟଣ ଦାସ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର, ବିଦେଶୀ ଗୌଡ, କୋଷାଧ୍ୟକ୍ଷ ହୃଷୀକେଶ ସେଠୀ, ଉପଦେଷ୍ଟା ପ୍ରଭାକର ସୁନା ଓ ସୀମାଞ୍ଚଳ ପାଣିଗ୍ରାହୀ ମନୋନୀତ ହୋଇଥିଲା ବେଳେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭଗବାନ ସାହୁ, ବିଦ୍ୟୁତ୍ ବୈରାଗୀ, ବିକ୍ରମ ସ୍ୱାଇଁ, ବାସୁଦେବ ଜେନା, ମାଣିକ ବାଛାର, ଏ. ଦେବାଶିଷ ପାତ୍ର ମନୋନୀତ ହୋଇଥିଲେ। ପର୍ଯ୍ୟବେକ୍ଷକ ବ୍ରହ୍ମା ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିବା ବେଳେ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଲେ ଏମ୍‌ପି

ମାଲକାନଗିରି,୪।୬ (ଡି.ଏନ୍.ଏ.)

ମାଲକାନଗିରି ସଦର ମହକୁମାରେ ଗତ ୧ ତାରିଖରେ କାଳ ବୈଶାଖୀରେ ସତୀଗୁଡା ଜଳଭଣ୍ଡାରରେ ମାଛ ଧରିବାକୁ ଯାଇ ଦୁଇଟି ଡଙ୍ଗା ବୁଡିଯାଇ ୨ଜଣ ମତ୍ସ୍ୟଜୀବୀ ମୃତ୍ୟୁବରଣ କରିଥିଲେ। ସେହିପରି କାଳ ବୈଶାଖୀ ଝଡରେ ଉଡାଜାହାଜ ପଡିଆରେ ନିର୍ମାଣାଧୀନ କାନ୍ଥ ଭୁଶୁଡି ଦୁଇଜଣଙ୍କ ମୃତ୍ୟୁ ହୋଇଥିଲା। ରବିବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଏହି ୪ ପରିବାର ବର୍ଗଙ୍କୁ ଭେଟି ପ୍ରତି ପରିବାରଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ୪ ଲକ୍ଷ ଲେଖାଏ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଥାଉ କି, ସତୀଗୁଡା ଜଳଭଣ୍ଡାରରେ ଭିମାରାଙ୍ଗିଣି ଗ୍ରାମର ତୁଳସୀ ମାଡି, ଏମ୍.ଭି.-୧୧୧ ଗ୍ରାମର ଗୋବିନ୍ଦ ସର୍ଦ୍ଦାର ପାଣିରେ ବୁଡି ମୃତ୍ୟୁବରଣ କରଥିଲେ। ସେହିପରି ଉଡାଜାହାଜ ପଡିଆରେ ନିର୍ମାଣାଧୀନ କାନ୍ଥ ଭାଙ୍ଗି ଏମ୍‌ଭି-୩ ଗ୍ରାମର ମନୋଜ ହେମ୍ବ୍ରମ ଓ କଟେଲିଗୁଡା ଗ୍ରାମର ତିଲୋତମା ବେନିୟାଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ ଏମ୍‌ପିଙ୍କ ସହ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମି, ବିଜେଡି ସାଧାରଣସମ୍ପାଦକଗୋପାଳକୃଷ୍ଣ ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସିନ୍ଧ୍ରିମାଲ ସରପଞ୍ଚ ଘାସି ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମୃତକଙ୍କ ପରିବାରକୁ ଭେଟୁଛନ୍ତି ।

# ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ନାହିଁ ନିଜସ୍ୱ ଗୃହ

ନନ୍ଦପୁର, ୪।୬ (ଡି.ଏନ.ଏ.)

**ଅଣଦେଖାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଅନ୍ତୁଡ଼ିଶାଳ**

ପଞ୍ଚାୟତିରାଜ ବ୍ୟବସ୍ଥାର ଅନ୍ତୁଡ଼ିଶାଳ କୁହାଯାଉଥିବା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକ ଦୁରବସ୍ଥାରେ ରହିଛି। ଏହାର ନିଜସ୍ୱ କାର୍ଯ୍ୟାଳୟ ପାଇଁ ଗୃହ ନାହିଁ। ରାଜୀବ ଗାନ୍ଧୀ ସେବାକେନ୍ଦ୍ରଗୁଡ଼ିକୁ ପଞ୍ଚାୟତ କାର୍ଯ୍ୟାଳୟ ରୂପେ ବ୍ୟବହାର କରାଯାଉଛି। ଏହି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକ ଏଯାଏ ଆଜବେଷ୍ଟସ ଛପରରେ ସୀମିତ ରହିଛି। କାର୍ଯ୍ୟାଳୟଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ନାହିଁ। ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ଏଠାରେ ନାହିଁ। ନିଜସ୍ୱ ଆୟବୃଦ୍ଧି କରି ପଞ୍ଚାୟତକୁ ସ୍ୱୟଂଚାଳିତ କରିବାକୁ କୌଣସି ଉଦ୍ୟମ ନାହିଁ। ନନ୍ଦପୁର ବ୍ଲକର ୨୩ ପଞ୍ଚାୟତ ସମେତ କୋରାପୁଟ ଜିଲାର ୨୪୦ ପଞ୍ଚାୟତରେ ଏପରି ଅବସ୍ଥା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ସରକାର ପଞ୍ଚାୟତ କାର୍ଯ୍ୟାଳୟରୁ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ବିଭିନ୍ନ ଯୋଜନାରେ ବହୁ ଅର୍ଥ ବ୍ୟୟ କରୁଛନ୍ତି। ଅଥଚ ଗ୍ରାମପଞ୍ଚାୟତର ମୁଖ୍ୟ ସରପଞ୍ଚ, ପଞ୍ଚାୟତର ପ୍ରତିନିଧି କରୁଥିବା ସମିତିସଭ୍ୟ, ୱାର୍ଡ ସଭ୍ୟ, ଜିଲା ପରିଷଦ ସଦସ୍ୟଙ୍କୁ ଏକାଠି ବସି ନୀତି ନିର୍ଦ୍ଧାରଣ କରିବା ପାଇଁ କାର୍ଯ୍ୟାଳୟ ଗୃହଟିଏ ନାହିଁ। ବିଭିନ୍ନ ବୈଠକ ଓ କାର୍ଯ୍ୟକ୍ରମ ସମୟରେ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏନେଇ ଗତ ସପ୍ତାହକ ମଧ୍ୟରେ ଦୁଇ ଥର କୋରାପୁଟ ଜିଲାପାଳଙ୍କୁ ଭେଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ଜିଲା ପଞ୍ଚାୟତ ଅଧିକାରୀ, ଜିଲା ପରିଷଦ ଉନ୍ନୟନ ଅଧିକାରୀ, ଉପଜିଲାପାଳ, ଜଳଯୋଗାଣ ବିଭାଗୀୟ ଅଧିକାରୀ, ଏମଜିଏନଆରଇଜିଏସ୍ କାର୍ଯ୍ୟ ତଦାରଖ କରୁଥିବା ଅଧିକାରୀଙ୍କ ସମେତ ଜିଲାପାଳ, ବିଧାୟକ, ଏମ୍‌ପି ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକୁ ପରିଦର୍ଶନ ଓ ତଦାରଖ କରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ସାଧାରଣରେ ମତ ପ୍ରକାଶ ପାଉଛି। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବିଡିଓ, ଜିଲା ଉନ୍ନୟନ ଅଧିକାରୀ, ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଜିଲାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟଗୁଡିକର ବାସ୍ତବ ସ୍ଥିତି ଓ ଆବଶ୍ୟକତା ସମ୍ପର୍କରେ ରାଜ୍ୟ ସରକାର ଓ ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଯାଇଛି। ପ୍ରସ୍ତାବକୁ ଅନୁମୋଦନ ଓ ଅନୁଦାନ ଆସିଲେ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଜୁନ୍ , ୨୦୨୩



## ସଂକ୍ଷେପରେ

### ଜିଲାସ୍ତରୀୟ ସମିତି ସଭ୍ୟା ଓ ସଭ୍ୟଙ୍କ ସମ୍ମିଳନୀ

ପାପଡାହାଣ୍ଡି,୪।୬, (ଡି.ଏନ.ଏ) - ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୃଗ ବିହାର ନିକଟରେ ରବିବାର ଜିଲାସ୍ତରୀୟ ସମିତି ସଭ୍ୟା ଓ ସଭ୍ୟଙ୍କ ମିଳିତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୧୦ଟି ବ୍ଲକର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସମିତି ସଭ୍ୟା ଓ ସଭ୍ୟ ଯୋଗଦେଇଥିଲେ । ବୈଠକରେ ସମିତି ସଭ୍ୟ ସଭ୍ୟାମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହ ସରକାରଙ୍କ ତରଫରୁ ସେମାନଙ୍କୁ କୌଣସି ଅଗ୍ରାଧିକାର ଦିଆଯାଉନଥିବାରୁ ଉଦବେଗ ପ୍ରକାଶ ପାଇଥିଲା । ପଞ୍ଚାୟତ ତରଫରୁ ବିଭିନ୍ନ ବୈଠକ ଆଦିରେ ଗୁରୁତ୍ୱ ଦିଆଯାଉନଥିବାରୁ ସମିତି ସଭ୍ୟା ଓ ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ । ଅଗାମୀ ଦିନରେ ଏ ନେଇ ଜିଲାର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ ଭେଟିବା ଲାଗି ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମ ଥର ଲାଗି ଜିଲାର ସମିତି ସଭ୍ୟା ଓ ସଭ୍ୟମାନଙ୍କ ସଂଘ ଗଠନ କରାଯାଇଥିଲା । ସର୍ବସମ୍ମତିକ୍ରମେ ପ୍ରସନ୍ନ ମାଝୀଙ୍କୁ ସଭାପତି, ସୁଶାନ୍ତ କୁମାର ବେହେରାଙ୍କୁ ଉପସଭାପତି, ସନ୍ତୋଷ ପଟ୍ଟନାୟକ ସାଧାରଣ ସମ୍ପାଦକ, ବାସନ୍ତି ମଞ୍ଜରୀ ମଣ୍ଡଳ ସହସମ୍ପାଦକ, ତନୁଜା ଡାକୁଆଙ୍କୁ କୋଷାଧ୍ୟକ୍ଷ ଓ ସଂଘର ଲିଗାଲ ଆଡ଼ଭାଇଜର ଭାବେ ଶମ୍ଭୁ ଦାସ ପନକାଙ୍କୁ ଚୟନ କରାଯାଇଥିଲା । ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ପ୍ରତେକ ବ୍ଲକର ୨ ଜଣଙ୍କୁ ନେଇ କମିଟିରେ ସାମିଲ କରାଯାଇଥିଲା ।

### କବୀର ଜୟନ୍ତୀ ପାଳିତ

ଝରିଗାଁ,୪।୬(ସ୍ୱ. ପ୍ର.)- ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅନ୍ତର୍ଗତ କୁସୁମୀ ଗ୍ରାମରେ ଜିଲା ମାନିକପୂରୀ ପନକା କବୀରପନ୍ଥି ସମାଜ ତରଫରୁ ସତ୍ୟ କବୀରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଝରିଗାଁ ବ୍ଲକ ସମେତ ଉମରକୋଟ, ରାଇଘର, ଡ଼ାବୁଗାଁ, ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକର ବିଭିନ୍ନ ଗ୍ରାମରୁ କବୀରପନ୍ଥି ସମାଜର ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ସକାଳ ୭ଟାରୁ ଆରମ୍ଭ ହୋଇଥିଲା । ସକାଳ ୭ରୁ ୮ଟା ପର୍ଯ୍ୟନ୍ତ ମହନ୍ତ, ଦିୱାନ ଓ ସନ୍ଥମାନଙ୍କ ଦ୍ୱାରା ଗୁରୁ ମହିମା ପାଠ କରାଯାଇଥିଲା । ପରେ ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଅପରାହ୍ନ ୧ଟାରେ ଜଳ ଚୌକା ମହନ୍ତ ବେଣୁ ଦାସ ଓ ଦିୱାନ ରମେଶ ଦାସଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା । ପରେ କୁସୁମୀ କବୀର କୁଟୀରଠାରେ ପ୍ରବଚନ ଦିଆଯାଇଥିଲା । ମହନ୍ତ ରାମଚନ୍ଦ୍ର ଦାସ, ମହନ୍ତ ପ୍ରେମ ଦାସ, ମହନ୍ତ, ମହନ୍ତ ଗରିବ ଦାସ, ମହନ୍ତ ପ୍ରେମ ଦାସ, ମହନ୍ତ ଖଗ ଦାସ ଓ ମହନ୍ତ ବେଣୁ କବୀରଙ୍କ ଉପରେ ପ୍ରବଚନ ଦେଇଥିଲେ । ଅପରାହ୍ନ ୩ଟାରେ କବୀର ସାହେବଙ୍କ ଚୌକା ଆରତୀ ସମାପନ କରାଯାଇଥିଲା । ଏହି ଅବସରରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ , ସାଂସଦଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲ୍ଲା ପରିଷଦ ଜୋନ -୧ ସଭ୍ୟା ଯମୁନା ଗଣ୍ଡ , ଜୋନ -୨ ସଭ୍ୟା ପ୍ରମିଳା ପୂଜାରୀ, ଗୁରୁସିଙ୍ଗା ସରପଞ୍ଚ ମୋହନ ନାୟକ, ବେଲଗାଁ ସରପଞ୍ଚ ଥବିର ପୂଜାରୀ, ଗୁରୁଶିଙ୍ଘା ସମିତି ସଭ୍ୟା ପଦ୍ମା ପାଣ୍ଡେ, ସମାଜସେବୀ ଟିକ ଚାନ୍ଦ ମାଝୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ମାନିକପୁରୀ ପନକା ସମାଜ ବ୍ଲକ ସଭାପତି ଲକ୍ଷ୍ମୀଧର ପନକା ପରିଚାଳନା କରିଥିଲେ । ପ୍ରସାଦ ସେବନ ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କାଳବୈଶାଖୀ ବର୍ଷା, ପବନରେ ଭାଙ୍ଗିଲା ଗଛ

ରାୟଗଡ଼ା(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ, ୪।୬

ରାୟଗଡ଼ା ଓ ଏହାର ଆଖାପାଖ ଅଞ୍ଚଳରେ ରବିବାର କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି । ଅପରାହ୍ନ ପ୍ରାୟ ୩ଟାରେ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ଜୋରରେ ପବନ ବହିବା ଦେଖିବାକୁ ମିଳିଛି । ଫଳରେ ରାୟଗଡ଼ା ସହର ସମେତ ଜିଲାର ପ୍ରାୟ ସ୍ଥାନରେ ବଡ଼ ବଡ଼ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ରାୟଗଡ଼ା ସହରର ରାମକ୍ରିଷ୍ଣା ନଗର, ଇନ୍ଦିରା ନଗର, ଗାନ୍ଧୀ ନଗର, ରୟତ କଲୋନୀ, ଇନ୍‌ଡୋର ଷ୍ଟାଡିୟମ୍, ଏସ୍‌ପିଙ୍କ କାର୍ଯ୍ୟାଳୟ ଆଦି ସ୍ଥାନରେ ଗଛ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବାରୁ ଅପରାହ୍ନ ୩ଟାରୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି । ସେହିଭଳି ଜଗନ୍ନାଥ ମନ୍ଦିର ନିକଟସ୍ଥ ୱାର୍ଡ଼ ନଂ ୨ରେ ଗଛ ଉପୁଡ଼ି ବିଦ୍ୟୁତ୍ ତାର ଉପରେ ପଡ଼ିଥିବା ଜଣାପଡ଼ିଛି । ରାୟଗଡ଼ା ବଜାରରେ ଥିବା ଏସ୍‌ବିଆଇ ଶାଖା ନିକଟରେ ଏକ ପୂଜା କାର୍ଯ୍ୟକ୍ରମର ଗେଟ୍ ବିଦ୍ୟୁତ୍ ତାର ଉପରେ ଛିଡ଼ି ଯାଇଥିବା ଜଣାପଡ଼ିଛି । ଏହିଭଳି ଜିଲାର ଜେକେପୁର, ଥେରୁବାଲି, ଗୁଣପୁର, ମୁନିଗୁଡ଼ା, ବିଷମକଟକ ଓ କାଶୀପୁର ଆଦି ଅଞ୍ଚଳରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ସରବରାହ ବନ୍ଦଥିବା ସୂଚନା ମିଳିଛି । ଖବର ଲେଖାହେବା ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହେବା ପାଇଁ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ ସୂଚନା ଦେଇଛନ୍ତି ।


ଇନ୍‌ଡୋର ଷ୍ଟାଡିୟମ ନିକଟରେ ସର୍ଭିସ ତାର ଛିଡ଼ି ପଡ଼ିଛି ।

# ଶ୍ରମିକଙ୍କ ବୀମା ଟଙ୍କା ହଡ଼ପ ଅଭିଯୋଗ

ନବରଙ୍ଗପୁର,୪।୬(ବି.ପ୍ର.)

ସଚେତନତା ଅଭାବର ସୁଯୋଗ ନେଇ ଦଲାଲମାନେ ଶ୍ରମିକ ବୀମା ଟଙ୍କା ହଡ଼ପ କରିଥିବା ଅଭିଯୋଗ ଆସିଛି । ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ଆସିଥିବା ୨ ଲକ୍ଷ ୫ ହଜାର ବିମା ଟଙ୍କାଙ୍କୁ ଦଲାଲାମାନେ ହଡ଼ପ କରି ନେଇଥିବା ଶ୍ରମିକଙ୍କ ପତ୍ନୀ ସତାଇ ଗୌଡ଼ ଅଭିଯୋଗ କରିଛନ୍ତି । ନବରଙ୍ଗପୁର ଜିଲା ସଦର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ଅଧିନ ଟିକରା ଗୁଡା ଗାଁରୁ ଏଭଳି ଅଭିଯୋଗ ଆସିଛି ।

ଚଟାହାଣ୍ଡି ପଞ୍ଚାୟତ ଅଧିନ ଟିକରଗୁଡା ଗାଁର ବଳରାମ ଗୌଡ଼ଙ୍କ ୨୦୨୨ ଜୁଲାଇ ୨୯ ତାରିଖରେ ମୃତ୍ୟୁ ହୋଇଥିଲା । ଏହି ଖବର ପାଇ ବକ୍ସାଗୁଡା ଗାଁର ଜଣେ ଦଲାଲ ବଳରାମଙ୍କ ସ୍ତ୍ରୀ ସତାଇ ଗୌଡ଼ (୪୦)ଙ୍କ ପାଖକୁ ଯାଇ ମୃତ ବଳରାମଙ୍କ ଶ୍ରମିକ କାର୍ଡ ଥିବାରୁ ତାଙ୍କୁ ୨ ଲକ୍ଷ ୫ ହଜାର ଟଙ୍କା ବୀମା ବାବଦକୁ ମିଳିବ ବୋଲି କହିଥିଲେ । ଏ ନେଇ ସେ ସତାଇଙ୍କଠାରୁ ଆଧାର କାର୍ଡ, ଶ୍ରମିକ ପଞ୍ଜିକରଣ ପତ୍ର ସହ ସମସ୍ତ କାଗଜପତ୍ର ନେଇଯାଇଥିଲେ । ବୀମା ଟଙ୍କା ପାଇବାକୁ କିଛି ଖର୍ଚ୍ଚ ଦେବାକୁ ପଡିବ ବୋଲି ମଧ କହିଲେ । ଏହା ପରେ ଦଲାଲ ଜଣକ ସତାଇଙ୍କୁ ନବରଙ୍ଗପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କକୁ ନେଇ ୪ ଥର କରି ବିମା ଟଙ୍କା ଉଠାଇଥିଲେ । ହେଲେ ସମସ୍ତ ଟଙ୍କାରୁ ସେ ସତାଇଙ୍କୁ ମାତ୍ର ୬୫ ହଜାର ଟଙ୍କା ଦେଇଥିବାବେଳେ ସେଠାରେ ଆଉ ଜଣେ ମହିଳା ଦଲାଲଙ୍କୁ ଶ୍ରମ ଅଧିକାରୀ କାର୍ଯ୍ୟାଳୟର ବୋଲି ପରିଚୟ ଦେଇ ୭୦ ହଜାର ଟଙ୍କା ଦେଇଥିଲେ । ଆଉ ବାକି ଟଙ୍କା ଦଲାଲ ଜଣକ ନେଇଯାଇଥିବା ସତାଇ କହିଛନ୍ତି । ଅନ୍ୟପକ୍ଷରେ ସତାଇ କହହିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ କୁଲି ମଜୁରୀ କରି ତାଙ୍କ ପରିବାର ଚଳାଉଛନ୍ତି । ତାଙ୍କ ଟଙ୍କା ନ ଫେରାଇଲେ ସେ ଥାନାରେ ଏତଲା ଦେବେ ବୋଲି କହିଛନ୍ତି । ଏ ସମ୍ପର୍କରେ ଦଲାଲ ଜଣକୁ ପଚାରିବାରୁ ପଖାନାଗୁଡା ଗାଁର ଜଣେ ମହିଳା ତାଙ୍କୁ ସତାଇଙ୍କ ଘରକୁ ପଠାଇ କାଗଜପତ୍ର ଆଣିବାକୁ କହିଥିଲେ । ବିମାଟଙ୍କା ଆକାଉଣ୍ଟକୁ ଆସିବା ପରେ ପଖାନାଗୁଡା ଗାଁର ମହିଳା ଜଣକ ୭୦ ହଜାର ଟଙ୍କା ନେଇଥିଲେ, ଆଉ ବାକି ୬୫ ହଜାର ସତାଇଙ୍କୁ ଦିଆଗଲା । ଏହାପରେ ଶନିବାର ଦିନ ସେ ନିଜେ ଆଣି ୨୦ ହଜାର ଟଙ୍କା ଫେରାଇଲେ । ଏଭଳି ସତାଇଙ୍କୁ ୮୫ ହଜାର ଟଙ୍କା ଦିଆଯାଇଛି । ଏବେ ସେ ଆଉ ୧ ଲକ୍ଷ ୨୫ ହଜାର ଟଙ୍କା ପାଇବ । ୧୫ ଦିନ ମଧ୍ୟରେ ସମସ୍ତ ଟଙ୍କା ଫେରସ୍ତ କରିଦେବୁ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ୭୦ ହଜାର ଟଙ୍କା ନେଇଥିବା ମହିଳା ଜଣକ ଏହି ଘଟଣା ପ୍ରଘଟ ନ କରିବା ପାଇଁ ମୋବାଇଲ ଯୋଗେ ବିଭିନ୍ନ ଧମକ ଦେଉଥିବା ସତାଇ ଅଭିଯୋଗ କରିଛନ୍ତି । ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ଏହି ଘଟଣାରେ ହସ୍ତକ୍ଷେପ କରି ହିତାଧିକାରୀ କିଭଳି ତାଙ୍କ ବକେୟା ଟଙ୍କା ଦଲାଲଙ୍କ ଠାରୁ ଫେରି ପାଇବେ ସେ ବ୍ୟବସ୍ଥା କରିବାକୁ ସମାଜସେବୀ ଦେବରାଜ ନାୟକ, ସଂଗ୍ରାମ ହାଇଜନ, ଜିତେଶ୍ୱର ଜନୀ ଓ ହରିଶ୍ଚନ୍ଦ୍ର ଗୌଡ଼ ଦାବି କରିଛନ୍ତି ।


ଅଭିଯୋଗ କାରିଣୀ ସତାଇ ଗୌଡ଼ ।

# ପୁରୁଣା ଗୁଣ୍ଡିଚା ମନ୍ଦିର ସ୍ଥାନାନ୍ତରକୁ ପୌରାଞ୍ଚଳବାସୀ, ଓକିଲ ସଂଘର ବିରୋଧ

ରାୟଗଡା ଅଫିସ,୪।୬

ରାୟଗଡାଠାରେ ଥିବା ଶ୍ରଦ୍ଧା ଶ୍ରୀକ୍ଷେତ୍ର ମନ୍ଦିର ସ୍ଥାନାନ୍ତର କରି ପୁଣି ଏକ ନୂତନ ଶ୍ରୀ ଗୁଣ୍ଡିଚା ମନ୍ଦିର ନିର୍ମାଣ କରିବା ପାଇଁ ଶ୍ରଦ୍ଧା ଶ୍ରୀକ୍ଷେତ୍ର ସେବାୟତ ମହାସଭା ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଆବେଦନକୁ ରାୟଗଡା ପୌରାଞ୍ଚଳ ଜନସାଧାରଣ ଏବଂ ଓକିଲ ସଂଘ ପକ୍ଷରୁ ଏହାକୁ ବିରୋଧ କରି ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ରାୟଗଡା ପୌର ପରିଷଦ ଅଧିନରେ ଥିବା ରେଳବାଇ ଜାଗା (ଖାତା ନମ୍ବର– ୧୫୦୭,ପ୍ଲଟ ନମ୍ବର ୧୫୩୫)ରେ ପୌର ପରିଷଦ ପକ୍ଷରୁ ପ୍ରାୟ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଦୀର୍ଘ ବର୍ଷ ଧରି ଭେଣ୍ଡିଂ ଜୋନ୍, ଅଟୋ ଷ୍ଟାଣ୍ଡ ଓ ପାର୍କିଂ ଜୋନ୍ ନିର୍ମାଣ କରାଯାଇଛି । ଏଠାରେ ରାୟଗଡା ବ୍ଲକର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ମହିଳା ଓ ପୁରୁଷମାନେ ନିଜର କୃଷି ଜାତ ଦ୍ରବ୍ୟ ଆଣି ବିକ୍ରିକରି ପେଟ ପୋଷୁଛନ୍ତି । ଫଳରେ ମନ୍ଦିର ନିର୍ମାଣ କଲେ ପ୍ରାୟ ୨୦୦ ଉଠା ଦୋକାନୀ ଓ ଅନ୍ୟାନ୍ୟ ବ୍ୟବସାୟ କରୁଥିବା ଲୋକେ ଏଥିରୁ ବଞ୍ଚିତ ହେବେ ।

ସେହିପରି ଅଟୋ ଏବଂ ଅନ୍ୟ ଗାଡିଗୁଡିକ ପାର୍କିଂରେ ଅସୁବିଧା ହେବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ନୂତନ ଭାବେ ମନ୍ଦିର ନିର୍ମାଣ ପାଇଁ ଯଦି ପ୍ରଶାସନ ଉଦ୍ୟମ କରୁଛି ତା ହେଲେ ରାୟଗଡା ପୌରାଞ୍ଚଳବାସୀଙ୍କର ବିଭିନ୍ନ ସମସ୍ୟା ଓ ଅସୁବିଧା ହେବ ବୋଲି ଉଲ୍ଲେଖ ରହିଛି । ସେହିପରି ମନ୍ଦିର ସ୍ଥାନାନ୍ତର ଲାଗି ବାସ୍ତବ ସ୍ଥିତି ଅନୁଧ୍ୟାନ କରି ପ୍ରଶାସନ ନିଷ୍ପତ୍ତି ନେବାକୁ ଅନୁରୋଧ କରାଯାଇଛି । ନ ଚେତ ଆଗମୀ ଦିନରେ ଆନ୍ଦୋଳନ ପାଇଁ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି । ୨୦୧୭ ରେ ହୋଇଥିବା ଗୁଣ୍ଡିଚା ମନ୍ଦିର ସ୍ଥାନାନ୍ତର ନ କରିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି ।

# ଧରିତ୍ରୀ ପ୍ରଭାବ : ପ୍ରକଳ୍ପ ମେଡିକାଲରେ ଡାକ୍ତର ନିଯୁକ୍ତ

ତେନ୍ତୁଲିଖୁଣ୍ଟି,୪।୬ (ଡି.ଏନ.ଏ)– ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀସ୍ଥିତ ପ୍ରକଳ୍ପ ଡାକ୍ତରଖାନାରେ ଶନିବାର ଜଣେ ଡାକ୍ତରଙ୍କୁ ନିଯୁକ୍ତ କରାଯାଇଛି । ଡାକ୍ତର ପ୍ରସନ୍ନଜିତ ମହାନ୍ତି ପ୍ରକଳ୍ପ ଡାକ୍ତରଖାନାରେ ଡେପୁଟେସନରେ ରହି ରୋଗୀ ଚିକିତ୍ସା କରୁଥିଲେ । ହେଲେ ତାଙ୍କ ଡେପୁଟେସନ ବାତିଲ ହୋଇଯିବା ପରେ ମେଡିକାଲରେ କେହି ଡାକ୍ତର ନଥିବାରୁ 'ତେଜୁଛି ଅସନ୍ତୋଷ' ସମ୍ପର୍କିତ ଏକ ଖବର ଗତ ୩ ତାରିଖରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା । ଖବର ଲେଖାଯିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କାଳୀ ପ୍ରସାଦ ବେହେରା ଖୁବଶୀଘ୍ର କିଛି ବ୍ୟବସ୍ଥା କରିବାକୁ ଚିନ୍ତା କରୁଛୁ ବୋଲି କହିଥିଲେ । ଖବର ପ୍ରକାଶ ପାଇବା ପରେ ପରେ ଶନିବାର ଡାକ୍ତର ଅମିତ କୁମାର ମଣ୍ଡଳଙ୍କୁ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନାରେ ନିଯୁକ୍ତ କରାଯାଇଛି । ଏହା ଧରିତ୍ରୀର ପ୍ରଭାବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ରେଳ ଦୁର୍ଘଟଣାରେ ମୃତକଙ୍କ ଲାଗି କ୍ୟାଣ୍ଡେଲ ଶୋଭାଯାତ୍ରା

ତେନ୍ତୁଲିଖୁଣ୍ଟି, ୪।୬(ଡି.ଏନ.ଏ)–

ବାଲେଶ୍ୱରର ବାହାନଗାଠାରେ ହୋଇଥିବା ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକସଭା ତଥା କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଖାତିଗୁଡା ଜେଇଏଲସି ଚର୍ଚ୍ଚ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା । ଏଥିରେ କିଶୋର ଚନ୍ଦ୍ର ଛତ୍ରିଆ, ସୁଧୀର ସୁନା,ଗୋପନ ନାୟକ, ଅନିଲ କୁମାର ନାୟକଙ୍କ ସମେତ ଅନେକ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ । ସେହିଭଳି ଖାତିଗୁଡା ମାର୍କେଟ ଛକ ନିକଟରେ ଇନ୍ଦ୍ରାବତୀ ୟୁଥ ଗ୍ରୁପ ,ବଜାର କମିଟିର ସଭ୍ୟ ପ୍ରଦୀପ ପ୍ରଜ୍ୱଳନ କରି ନିରବ ପ୍ରାର୍ଥନା କରିଥିଲେ । ଏଥିରେ ସୁଶାନ୍ତ ରାଉତ, ଦୀପକ ବିଶ୍ୱାଳ, ଗଣେଶ ସାହୁ ,ଇନ୍ଦ୍ରଜିତ ସାହୁ,ଅକ୍ଷୟ ମହାନ୍ତିଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ ।

# ୮ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବ ଆମ୍ ଆଦ୍‌ମୀ ପାର୍ଟି

## ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଣ ପ୍ରସଙ୍ଗ

ରାୟଗଡ଼ା,୪।୬(ସ୍ୱ.ପ୍ର.)

ଦିଲ୍ଲୀ ଓ ପଞ୍ଜାବ ଭଳି ଓଡ଼ିଶାରେ ମଧ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବା ନେଇ ଦାବି କରିଛି ଆମ୍ ଆଦ୍‌ମୀ ପାର୍ଟି । ଏନେଇ ରାୟଗଡ଼ାଠାରେ ଏକ ଖବରଦାତା ସମ୍ମିଳନୀରେ ରବିବାର ପାର୍ଟିର ରାଜ୍ୟ ସମ୍ପାଦକ ଜନ୍ମେଜୟ ସ୍ୱାଇଁ ସୂଚନା ଦେଇଛନ୍ତି । ଓଡ଼ିଶାରୁ ୧ ଲକ୍ଷ ଉପଭୋକ୍ତାଙ୍କ ଦସ୍ତଖତ ସଂଲଗ୍ନ ଦାବିପତ୍ର ଜୁନ ୮ରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ ବୋଲି ଜନ୍ମେଜୟ କହିଛନ୍ତି । ସେ ଆହୁରି କହିଛନ୍ତି, ୨୦୧୫ରୁ ବିଏସ୍‌ଇଏସ୍ କମ୍ପାନୀ ବିଦ୍ୟୁତ୍ ବିତରଣ ଛାଡ଼ିଥିବା ବେଳେ ବର୍ତ୍ତମାନ ସୁଦ୍ଧା କମ୍ପାନୀଠାରୁ ବକେୟା ଆଦାୟ କରିପାରିନାହାନ୍ତି ରାଜ୍ୟ ସରକାର । ଅନ୍ୟପକ୍ଷେ ୨୦୧୮ରେ ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ମାଗଣା ବିଦ୍ୟୁତ୍ ସଂଯୋଗ ଦେଇ ପରବର୍ତ୍ତୀ ସମୟରେ ଗରିବ ଜନସାଧାରଣଙ୍କଠାରୁ ସିକ୍ୟୁରିଟି ଅର୍ଥ ଆଦାୟ କରାଯିବା ଘଟଣାକୁ ନିନ୍ଦନୀୟ କହିଛନ୍ତି । ଦିଲ୍ଲୀ ଓ ପଞ୍ଜାବରେ ମାଗଣା ୨୦୦ ୟୁନିଟ୍ ବିଜୁଳି ଯୋଗାଇଥିଲେ ମଧ ଅଦ୍ୟାବଧି ଏଥିପାଇଁ କୌଣସି ଋଣ କରିନାହାନ୍ତି ଉଭୟ ରାଜ୍ୟର ସରକାର । ତେବେ ଓଡ଼ିଶା ସରକାର କାହିଁକି ଏହାକୁ ଲାଗୁ କରୁନାହିଁ ବୋଲି ଜନ୍ମେଜୟ ପ୍ରଶ୍ନ କରିଛନ୍ତି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ ଯୋଗାଣ କରିବାକୁ ଦାବି କରିଛି ଆମ୍ ଆଦମୀ ପାର୍ଟି । ଯଦି ରାଜ୍ୟ ସରକାର ଏହି ଦାବି ପ୍ରତି ଧ୍ୟାନ ନ ଦିଅନ୍ତି ତେବେ ଆଗାମୀ ଦିନରେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ସେ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ଆପ୍ ଦଳ ଆଦିବାସୀ ମୋର୍ଚ୍ଚା ସଭାପତି ଟି.ସାଙ୍ଗନା, କୋଲନରା ବ୍ଲକ ସଭାପତି ରମେଶ ଚନ୍ଦ୍ର ପାତ୍ର, ରାୟଗଡ଼ା ବ୍ଲକ ସଭାପତି ଜିତେନ୍ଦ୍ର ସେନାପତି, ଦୁର୍ଗା ଚରଣ ପଟ୍ଟନାୟକ, ସନ୍ତୋଷ ପାଇକ, ହେମନ୍ତ ଖୋସଲା ଓ ଚକ୍ରଧର ମହାପାତ୍ର ଓ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଆପ୍ ରାଜ୍ୟ ସମ୍ପାଦକ ଜନ୍ମେଜୟ ସ୍ୱାଇଁ ଓ ଅନ୍ୟମାନେ ।

# ଚାରା ରୋପଣ କାର୍ଯ୍ୟକ୍ରମ

ରାୟଗଡ଼ା,୪।୬(ସ୍ୱ.ପ୍ର.)

ବିଶ୍ୱ ପରିବେଶ ଦିବସ ଓ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ସ୍ଥାନୀୟ ସର୍କିଟ ହାଉସରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ଓ ରାୟଗଡା ବନ ବିଭାଗର ମିଳିତ ଭାବେ ଚାରା ରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ବୃକ୍ଷ ହିଁ ଜୀବନ ଓ ପରିବେଶ ସନ୍ତୁଳନ ରକ୍ଷା କରିବା ନେଇ ବୃକ୍ଷର ପ୍ରମୁଖ ଭୂମିକା ରହିଥାଏ । ଜଙ୍ଗଲର ଅବକ୍ଷୟ ଓ ଅବାଧ ବୃକ୍ଷ ଗଛ କଟା ଯିବାରୁ ବର୍ତ୍ତମାନ ପରିବେଶ ଅସନ୍ତୁଳିତ ହେବାରେ ଲାଗିଛି । ମନୁଷ୍ୟର ଜୀବନ ଧାରଣରେ ବୃକ୍ଷର ମହତ୍ତ୍ୱ ସର୍ବାଗ୍ରେ ରହିଛି । ବୃକ୍ଷ ବିନା ମନୁଷ୍ୟ ଓ ଜୀବଜଗତ ବଞ୍ଚିବା ଅସମ୍ଭବ ହୋଇପଡ଼ିବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ସାମାଜିକ କାର୍ଯ୍ୟକ୍ରମରେ ସ୍ଥାନୀୟ ସର୍କିଟ ହାଉସ୍ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏହା ପରିସରରେ ବଉଳ, ପଣସ, ଚମ୍ପା ଓ ଭଳିଅନେକ ଚାରା ରୋପଣ କରାଯାଇଛି । ପ୍ରଥମେ ବାଲେଶ୍ୱର ଜିଲାର ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ଜିଲା ସଭାପତି ଦୟାନନ୍ଦ ଖାଡ଼ାଙ୍ଗାଙ୍କ ନେତୃତ୍ୱରେ ଅତିଥି ଭାବେ ରାୟଗଡ ଏସିଏଫ ଅଶୋକ କୁମାର ପ୍ରଧାନ, ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ଦାସ, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଭି ସାଲବା ରାଜୁ, ସମାଜିକକର୍ମୀ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, ଅବସରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ବନପାଳ ଗୌରୀ ଶଙ୍କର ସାହୁ, ବନରକ୍ଷୀ ରବି ଚନ୍ଦ୍ର ପାତ୍ର, ସନ୍ତୋଷ କୁମାର ପାଣିଗ୍ରାହୀ, ବିଦ୍ୟାଧର ପାଣ୍ଡେ, ସଂଘ ଉପସଭାପତି ଶ୍ରୀନିବାସ ବଳିଆର ସିଂ, ସମ୍ପାଦକ ମନୋଜ କୁମାର ସାହୁ, ଉପଦେଷ୍ଟା ସରୋଜ କୁମାର ସାହୁ, ହାନି ଓ ରୋହିତ ଜେନା ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ ।


ଚାରାରୋପଣ ଅବସରରେ ଏସିଏଫ୍ ଓ ଅନ୍ୟମାନେ ।

# ଜନଜାତି ସଂଗଠନ ମୁଖ୍ୟଙ୍କ ବୈଠକ


ଝରିଗାଁ ଜନଜାତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଝରିଗାଁ,୪।୬(ସ୍ୱ.ପ୍ର.)

ଝରିଗାଁ ବ୍ଲକରେ ବସବାସ କରୁଥିବା ୯ଟି ଆଦିବାସୀ ସମ୍ପ୍ରଦାୟର ପ୍ରମୁଖଙ୍କୁ ନେଇ ରବିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଦେଉଳକଣା ଶୈବପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଆଦିବାସୀ ନେତା ତଥା ସମାଜସେବୀ ଟିକଚନ୍ଦ ମାଝୀ ଏବଂ ରାମଧର ମାଝୀଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଆଦିବାସୀଙ୍କ ସାମାଜିକ ସୁରକ୍ଷା ସହିତ ଶିକ୍ଷା,ସ୍ୱାସ୍ଥ୍ୟର ଉନ୍ନତି ଏବଂ କୃଷିର ଗୁଣାତ୍ମକ ଅଭିବୃଦ୍ଧି ନେଇ ଆଲୋଚନା କରାଯାଇଥିଲା । ଏଥିସହିତ ଆଦିବାସୀ ବିକାଶ ପରିଷଦ ପକ୍ଷରୁ ଝରିଗାଁ ବ୍ଲକରେ ଆଦିବାସୀ ଭବନ ନିର୍ମାଣ ପାଇଁ ୩୦ଲକ୍ଷ ମଞ୍ଜୁର କରାଯାଇଥିବା ବେଳେ ସ୍ଥାନ ନିରୂପଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଭତରା ସମାଜ,ଗଣ୍ଡ ସମାଜ, ପରଜା ସମାଜ, ବଂଜରା ସମାଜ, କନ୍ଧ ସମାଜ, ରାଜକନ୍ଧ ସମାଜ, ଶବର ସମାଜ , ହଲବା ସମାଜ ଏବଂ ଭୁଞ୍ଜିଆ ସମାଜ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ସମାଜର ସାମାଜିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ ।

# ସ୍ନାନ ଯାତ୍ରାପରେ ଅଣସରକୁ ଗଲେ ମହାପ୍ରଭୁ

ରାୟଗଡ଼ା,(ସ୍ୱ.ପ୍ର.)/ରାୟଗଡା ଅଫିସ, ୪।୬

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରବିବାର ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାପ୍ରଭୁ । ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଜିଲାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ରାୟଗଡ଼ା ସହରର ଶ୍ରଦ୍ଧା ଶ୍ରୀକ୍ଷେତ୍ର ସ୍ଥିତ ଜଗନ୍ନାଥ ମନ୍ଦିରରେ ଭୋରରୁ ରତ୍ନ ମଣ୍ଡପ ଉପରେ ମଙ୍ଗଳ ଆଳତୀ ଅନୁଷ୍ଠିତ ହୋଇଥିଲା । ଏହାପରେ ପହଣ୍ଡି କରାଯାଇ ଜଗମୋହନ ମଣ୍ଡପ ଅଣାଯାଇଥିଲା । ସେଠାରେ ଆଳତୀ ଓ ଭୋଗ କରାଯାଇଥିଲା । ସେଠାରେ ୧୦୮ ଗରା ଜଳରେ ମହାପ୍ରଭୁ ବଳଭଦ୍ର, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା । ସ୍ନାନ ପରେ ଗଜାନନ ବେଶରେ ଦର୍ଶନ ଦେଇଥିଲେ । ରାଜ ପୁରୋହିତ ବିରଞ୍ଚି ଦାସ ଏହି ପୂଜାର୍ଚ୍ଚନା କରିଥିଲେ । ସେହିପରି ଜେକେପୁର ସ୍ଥିତ ନାଗାବଳୀ ଶ୍ରୀକ୍ଷେତ୍ର, ପାଇକପଡା, ଦୁର୍ଗୀ, ଗୁମୁଡା ଓ ଗୁଡାରୀଠାରେ ମଧ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା ।

**ବିଷମ କଟକ (ଡି.ଏନ.ଏ.)**–ରାୟଗଡ଼ା ଜିଲା ବିଷମକଟକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ରତ୍ନ ସିଂହାସନ ଭିତରେ ଠାକୁରଙ୍କୁ ଆଳତୀ ପରେ ପହଣ୍ଡିରେ ଶ୍ରୀଜିଉଙ୍କୁ ସେବାୟତମାନେ ସ୍ନାନ ମଣ୍ଡପକୁ ଆଣିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ପୂଜକ ଶିବରାମ ରଥ, ଶ୍ରୀମନ୍ଦିର ପୂଜକ ଜିତୁ ରଥ, କେଶବ ରଥ, ରାମ ରଥ ଓ କେଦାର ନାଥ ଦାସ ପ୍ରମୁଖ ସମସ୍ତ ସେବାୟତ ଯଥା ରୀତିକାନ୍ତି ଅନୁଯାୟୀ ସ୍ନାନ ପୂର୍ଣ୍ଣିମାର ପ୍ରସ୍ତୁତି କାର୍ଯ୍ୟ ଆୟୋଜନ କରିଥିଲେ । ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ୧୦୮ କଳସ ଜଳ ଏବଂ ପଇଡରେ ସ୍ନାନକରି ଚନ୍ଦନ କସ୍ତୁରୀ ଆଦି ଲାଗିପରେ ସ୍ନାନ ମଣ୍ଡପରେ ବିରାଜମାନ କରାଯାଇଥିଲା । ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରି ସ୍ନାନବେଦୀରେ ଭକ୍ତଙ୍କୁ ଦର୍ଶନ ଦେଇ ପରେ ଅଣସର ଗୃହକୁ ଯାଇଥିଲେ ।

**ଟିକିରି,(ଡି.ଏନ.ଏ.)**–କାଶୀପୁର ବ୍ଲକ ଟିକିରିରେ ରବିବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏହି ସ୍ନାନଯାତ୍ରାରେ ମୁଖ୍ୟ ପୂଜକ ଭାବେ ନିରଞ୍ଜନ ହୋତା, ରବି ତ୍ରିପାଠୀ, ଅନନ୍ତ ଷଡ଼ଙ୍ଗୀ, ବୁଲୁ ଦାସ, ନିରଞ୍ଜନ ତ୍ରିପାଠୀ, ଗୌରୀ ଦାଶ, ଶଙ୍କର ତ୍ରିପାଠୀ, ରଞ୍ଜିତ ମିଶ୍ର, ରାଜା ଷଡ଼ଙ୍ଗୀ, ସୌରଭ ଷଡ଼ଙ୍ଗୀ, ରାହୁଲ ଷଡ଼ଙ୍ଗୀ, ସୁରେଶ ଷଡ଼ଙ୍ଗୀ ଓ ବୁଲୁ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

**ମୁନିଗୁଡ଼ା,(ଡି.ଏନ.ଏ.)**–ରାୟଗଡ଼ା ଜିଲା ମୁନିଗୁଡ଼ା ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସକାଳ ୮ଟାରେ ଦିଅଁଙ୍କୁ ଶ୍ରୀମନ୍ଦିରରୁ ସ୍ନାନ ବେଦୀକୁ ଅଣାଯାଇଥିଲା । ୧୦୮ଗରା ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା । ପରେ ହାତୀ ବେଶରେ ଥାଇ ମହାପ୍ରଭୁ ଭକ୍ତଙ୍କୁ ସାହାଣ ମେଳା ଦର୍ଶନ ଦେଇଥିଲେ । ପରେ ଚତୁର୍ଦ୍ଧାମୂର୍ତ୍ତି ଅସୁସ୍ଥ ହୋଇ ଅଣସରରେ ୧୫ଦିନ ରହି ଚିକିତ୍ସିତ ହେବାର ବିଧି ଓ ଗୁପ୍ତସେବା ଆଦି ପରମ୍ପରା ପାଳନ କରାଯିବ ବୋଲି ବଡ଼ପଣ୍ଡା ନରୋତ୍ତମ ଦାସ କହିଛନ୍ତି । ଏଥିରେ ତ୍ରିନାଥ ପଣ୍ଡା, ବୃନ୍ଦାବନ ପାଢ଼ୀ, ରାଜି ସାହୁ, ବିଜି ଦାଶ, ପ୍ରଦୀପ ପରିଛା, ଦାମୋଦର ମହାପାତ୍ର, ପ୍ରଣବ ନିଶାଙ୍କ, ନିକୁଞ୍ଜ ଶତପଥୀ, ସମ୍ପାଦକ ଭି.ଚନ୍ଦ୍ରଶେଖର ରାଓ,କୋଷାଧ୍ୟକ୍ଷ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।


ରାୟଗଡ଼ା


ମୁନିଗୁଡ଼ା


ଟିକିରି

## ସଂକ୍ଷେପରେ

### ସବୁଜିମା ବାର୍ତ୍ତାନେଇ ଶାବର ଶ୍ରୀକ୍ଷେତ୍ରରୁ ଶ୍ରୀକ୍ଷେତ୍ର ଯାତ୍ରା କଲେ ରବୀନ୍ଦ୍ର



କୋରାପୁଟ,୪।୬(ସ୍ୱ.ପ୍ର.)- ଗଛଟିଏ ପିଲାଟିଏର ସବୁଜିମା ବାର୍ତ୍ତା ନେଇ ପରିବେଶପ୍ରେମୀ ରବୀନ୍ଦ୍ର ରଣା ଶାବର ଶ୍ରୀକ୍ଷେତ୍ର କୋରାପୁଟରୁ ଶ୍ରୀକ୍ଷେତ୍ର ପୁରୀ ଯାତ୍ରା କରିଛନ୍ତି। ସାଥିରେ ସେ ଚନ୍ଦନ, ଲିମ୍ବ, ଅଁଳା, ରକ୍ତ ଚନ୍ଦନ ଆଦି ବିଭିନ୍ନ ପ୍ରକାରର ପ୍ରାୟ ୨୫୦ ଔଷଧୀୟ ବୃକ୍ଷ ଓ ୫୦ ହଜାର ମଞ୍ଜି ନେଇଛନ୍ତି । ଉକ୍ତ ଗଛ ଶ୍ରୀକ୍ଷେତ୍ରରେ ରୋପଣ କରିବେ ବୋଲି ରବୀନ୍ଦ୍ର କହିଛନ୍ତି। ଶନିବାର ଶାବର ଶ୍ରୀକ୍ଷେତ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଖବରଦାତା ଭବାନୀ ଶଙ୍କର ମିଶ୍ର, ଅମିତାଭ ବେହେରା, ଘନଶ୍ୟାମ ରଥ, ଜିତେନ୍ଦ୍ର ମିଶ୍ର ଉପସ୍ଥିତ ରହି ରବୀନ୍ଦ୍ରଙ୍କ ପୁରୀ ଯାତ୍ରାର ଶୁଭାରମ୍ଭ କରିଥିଲେ। ସୂଚନାଯୋଗ୍ୟ, ଗତ ୧୩ ବର୍ଷ ଧରି ରବୀନ୍ଦ୍ର କୋରାପୁଟ ଜିଲାର ସୁନାବେଡା, ସେମିଳିଗୁଡା, ଡୁମୁରିପୁଟ ଆଦି ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଗଛ ଲଗାଇ ଆସୁଛନ୍ତି ।

### ଗୋପାଳ ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ହାତୀବେଶ



ତେନ୍ତୁଳିଖୁଣ୍ଟି, ୪।୬( ଡି.ଏନ.ଏ) - ବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ଖାତିଗୁଡାସ୍ଥିତ ଶ୍ରୀକ୍ଷେତ୍ର ଝରିଗୁମ୍ଫା ଓ ଅଞ୍ଚଳଗୁମ୍ଫା ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ଶ୍ରୀଜୀଉଙ୍କ ଦେବ ନୀତି ସମ୍ପନ୍ନ ପରେ ଚତୁର୍ଦ୍ଧାମୂର୍ତ୍ତି ଙ୍କୁ ପହଣ୍ଡି କରି ସ୍ନାନ ମଣ୍ଡପକୁ ଅଣାଯାଇ ନଦୀଜଳରେ ସ୍ନାନ କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି କରାଯିବା ପରେ ଗଜାନନ ବେଶରେ ସଜ୍ଜିତ ହୋଇଥିଲେ ଶ୍ରୀଜୀଉ। ଗଜାନନ ବେଶ ଦେଖିବାକୁ ସନ୍ଧ୍ୟା ଆରତୀ ସମୟରେ ଭକ୍ତଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଦେବସ୍ନାନ ପୂର୍ଣ୍ଣିମା ପାଳିତ



ଗୁଣପୁର,୪।୬(ଡି.ଏନ.ଏ.)-ରାୟଗଡା ଜିଲା ଗୁଣପୁରର ୨ଟି ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉମାନଙ୍କ ଦେବସ୍ନାନ ନିତି ସହ ହାତୀବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ପହଣ୍ଡି ପୂର୍ବରୁ ଜୀଉମାନଙ୍କର ନୀତିକାନ୍ତି କରାଯାଇଥିଲା। ପରେ ଧାଡି ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଠାକୁରମାନଙ୍କର ଦେବସ୍ନାନ ନିତି କରାଯାଇଥିଲା। ଶେଷରେ ହାତୀ ବେଶ ଅନୁଷ୍ଠିତ ହୋଇଥିଲା। ବଡ ଜଗନ୍ନାଥ ମନ୍ଦିରରେ ସମସ୍ତ ନିତି ସରିବା ପରେ ସାନ ମନ୍ଦିରରେ ନୀତିକାନ୍ତି କରାଯାଇଥିଲା। ବ୍ରହ୍ମାଗୁପ୍ତେଶ୍ୱର ରଥ ଶର୍ମା ଏବଂ ପୂଜକ ମନୋଜ ପାଢୀ ପୂଜା କରିଥିଲେ। ବ୍ରାହ୍ମଣସାହି, କଟିକାସାହି ଏବଂ ପୁରୁଣା ଗୁଣପୁର ଅଞ୍ଚଳର ସେବାୟତମାନେ ଯୋଗଦେଇ ପହଣ୍ଡି କରିଥିଲେ । ଅପରାହ୍ଣ ୪ଟାରେ ସ୍ନାନ ଉତ୍ସବ ପାଇଁ ପୂର୍ବରୁ ସମୟ ଧାର୍ଯ୍ୟ ହୋଇଥିଲେ ମଧ ବର୍ଷା ଯୋଗୁ ବିଳମ୍ବ ହୋଇ ସନ୍ଧ୍ୟାରେ ଶେଷ ହୋଇଥିଲା। ଶେଷରେଠାକୁରଙ୍କୁ ପହଣ୍ଡି କରି ଅଣସର ଗୃହକୁ ନିଆଯାଇଥିଲା।

### ପୋଖରୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଭଞ୍ଜନଗର,୪।୬(ଡି.ଏନ୍.ଏ)- ଭଞ୍ଜନଗର ଥାନା ଭାଲିଆଖାଇର ଜମ୍ଭୁ ବେହେରା (୭୩)ଙ୍କ ରବିବାର ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଜମ୍ଭୁ ଘର ନିକଟରେ ଥିବା ପୋଖରୀକୁ ସ୍ନାନ ହେବାକୁ ଯାଇଥିଲେ। ଏହି ସମୟରେ ପୋଖରୀରେ ଜମ୍ଭୁଙ୍କ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ।

# ୭ ବର୍ଷ ହେଲା ରଶିରେ ବନ୍ଧା ଶୈଶବ

- ମାନସିକ ଭିନ୍ନକ୍ଷମ ପୁଅକୁ ଧରି ସଂଘର୍ଷ କରୁଛନ୍ତି ଲକ୍ଷ୍ମୀ
- ମିଳିନି କିଛି ସରକାରୀ ସୁବିଧା
- ବାରମ୍ବାର ଆବେଦନ କରି ହୋଇନି ଭତ୍ତା
- ସହାୟତାର ହାତ ବଢ଼ାଇଲା ସାଥୀ ସଙ୍ଗଠନ

କୁନ୍ଦୁରା,୪।୬(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦରମହକୁମାରୁ ୧ କି.ମି. ଦୂର କାଉଡିଆଗୁଡା ଗ୍ରାମରେ ସପରିବାର ରହନ୍ତି ବଳରାମ ପେଣ୍ଟିଆ। ସ୍ତ୍ରୀ ଲକ୍ଷ୍ମୀ, ୩ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର। ବଳାରାମଙ୍କ ମୃତ୍ୟୁ ପରେ ପରିବାରର ଦାୟିତ୍ୱ ପଡିଥିଲା ଲକ୍ଷ୍ମୀଙ୍କ ଉପରେ। ତାଙ୍କ ପୁଅମାନଙ୍କ ମଧ୍ୟରେ ଗୋକୁଳ (୧୦) ଥିଲେ ଜନ୍ମରୁ ମାନସିକ ଭିନ୍ନକ୍ଷମ। ଏଥିପାଇଁ ଗୋକୁଳଙ୍କୁ ଦୀର୍ଘ ୭ ବର୍ଷ ହେବ ପରିବାର ଲୋକେ ରଶିରେ ବାନ୍ଧି ଘରେ ରଖିଛନ୍ତି। ରଶିରେ ବନ୍ଧାପଡିଛି ତାଙ୍କ ଶୈଶବ। ବଳରାମଙ୍କ ମୃତ୍ୟୁ ପରେ ବହୁତ କଷ୍ଟରେ ଚଳୁଛି ଲକ୍ଷ୍ମୀଙ୍କ ପରିବାର । ୧୪ ବର୍ଷର ନାବାଳିକା ଝିଅ ମଜୁରି ଲାଗି ଯାହା ଆଣନ୍ତି ସେଥିରେ ପରିବାର ଚଳେ। ସରକାରୀ ସହାୟତା ରୂପେ ତାଙ୍କ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ମିଳୁଛି ୩୫ କେଜି ଚାଉଳ। ମୁଣ୍ଡ ଗୁଞ୍ଜିବା ପାଇଁ ଭଲ ଘରଟିଏ ନାହିଁ କି ଏଯାଏ ଲକ୍ଷ୍ମୀଙ୍କୁ ମିଳିନି ବିଧବା ଭତ୍ତା। ୮୦ ପ୍ରତିଶତ ପ୍ରମାଣପତ୍ର ଥିଲେ ସୁଦ୍ଧା ଗୋକୁଳଙ୍କୁ ମିଳିନି ଭିନ୍ନକ୍ଷମ ଭତ୍ତା। ଭତ୍ତା ପାଇଁ ଅନେକ ଥର ଆବେଦନ କରି ନିରାଶ ହୋଇଛନ୍ତି ଲକ୍ଷ୍ମୀ। ଏପରି ସ୍ଥଳେ ସ୍ୱେଚ୍ଛାସେବୀ ସଙ୍ଗଠନ ସାଥୀ ଲକ୍ଷ୍ମୀଙ୍କୁ ସହାୟତା ଯୋଗାଇ ଦେବାକୁ ଆଗେଇ ଆସିଛି। ଆମେ ସବୁ ସମୟରେ ତୁମ ଅସୁବିଧା, ସମସ୍ୟାରେ ସହାୟତା ଯୋଗାଇ ଦେବୁ ବୋଲି ଲକ୍ଷ୍ମୀଙ୍କୁ ଆଶ୍ୱାସନା ଦେଇଛନ୍ତି ସାଥୀର କର୍ମକର୍ତ୍ତା ସଭାପତି ଚନ୍ଦ୍ରଶେଖର ରଥ, ସ୍ୱରୂପ ଦାସ, ସୁଧୀର ବେହେରା ଓ ଗୋପାଳ ସାବତ। ବ୍ଲକଠାରୁ ମାତ୍ର ଗୋଟିଏ କି.ମି. ଦୂର ଏହି ଗ୍ରାମରେ ୭ ବର୍ଷ ହେଲା ଜଣେ ମାନସିକ ଭିନ୍ନକ୍ଷମ ପିଲା ରଶିରେ ବନ୍ଧା ହୋଇ ରହିବା ଏବଂ ତାଙ୍କୁ ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ସହାୟତା ନ ମିଳିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ତୁରନ୍ତ ପ୍ରଶାସନ ଏହି ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ରଶିରେ ବନ୍ଧା ହୋଇଥିବା ଗୋକୁଳ ।

## ରେଳ ଦୁର୍ଘଟଣାରେ ମୃତକଙ୍କ ଲାଗି କ୍ୟାଣ୍ଡେଲ ଶୋଭାଯାତ୍ରା



କ୍ୟାଣ୍ଡେଲ ଶୋଭାଯାତ୍ରାରେ ଲୋକେ ଯାଉଛନ୍ତି ।

ଟିକିରି, ୪।୬(ଡି.ଏନ.ଏ.)

ବାଲେଶ୍ୱର ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ରବିବାର ବଣିକ ସଂଘ କର୍ମକର୍ତ୍ତା ଓ କେତେକ ବୁଦ୍ଧିଜୀବୀ ମୁଖ୍ୟରାସ୍ତ ଜଗନ୍ନାଥ ମନ୍ଦିରଠାରୁ ବାହାରି ଗୋକୁଳମୁଣ୍ଡା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ।

## ଆନ୍ଦୋଳନ ଜାରି ରଖିବାକୁ ଅମଲା ସଂଘର ନିଷ୍ପତ୍ତି




ଜିଲାସ୍ତରୀୟ ମିଳିତ ମଞ୍ଚର ବୈଠକରେ ଉପସ୍ଥିତ ଅମଲା।

ନବରଙ୍ଗପୁର,୪।୬(ବି.ପ୍ର.)

ଜିଲାସ୍ତରୀୟ ଅମଲାମାନଙ୍କ ଏକ ମାତ୍ର ନ୍ୟାଯ୍ୟ ଦାବି ୪୨୦୦/- ଗ୍ରେଡ ପେ ପୂରଣ କରିବାରେ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ପ୍ରତିବାଦରେ ରବିବାର ଭୁବନେଶର ରେଡ଼କ୍ରସ ଭବନଠାରେ ରାଜ୍ୟ ଅଧକ୍ଷ ନାରାୟଣ ଦାସ ଙ୍କ ଅଧ୍ୟକ୍ଷତାରେ ମିଳିତ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଓଡ଼ିଶାର ୩୦ଟି ଜିଲାର ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ଏବଂ ଆବାହକ ଉପସ୍ଥିତ ରହି ନିଜ ନିଜର ମତ ଦେଇଥିଲେ। ସର୍ବସମ୍ମତି କ୍ରମେ ପାରିତ ନିଷ୍ପତ୍ତି ଅନୁସାରେ, ଜୁନ ୧ତାରିଖରୁ ଚାଲିଥିବା ମିଳିତ ଅମଲା ମଞ୍ଚର ଆନ୍ଦୋଳନକୁ ପ୍ରତ୍ୟାହାର ନ କରି ଆଗକୁ ଜାରି ରଖିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡିଶା ଅମଲା ସଂଘର ରାଜ୍ୟ ଅଧକ୍ଷ ହୃଦୟ ବିହାରୀ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ପ୍ରସନ୍ନ କୁମାର ତ୍ରିପାଠୀ, ଓଡ଼ିଆ ରାଜସ୍ୱ ଅମଲା ସଂଘର ରାଜ୍ୟ ଅଧକ୍ଷ ଲୋକେଶ୍ୱର ସାହୁ, ସଭାପତି ତ୍ରିପତି ବାଲାଜୀ ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ଓଡିଶା ନିବନ୍ଧନ ଅମଲା ସଂଘ ରାଜ୍ୟ ସଭାପତି ବିଭୁଦତ୍ତ ବାରିକ, ନିଖିଳ ଓଡିଶା ଟ୍ରେଜେରୀ ଅମଲା ସଂଘର ରାଜ୍ୟ ସଭାପତି ସମର କାନୁନଗୋ, ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# କାଳବୈଶାଖୀରେ ଉଡ଼ିଲା ଘର ଟିଣ

ବାଲିମେଳା,୪।୫(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ନଗର ଓ ଏହାର ଆଖପାଖ ଅଞ୍ଚଳରେ ରବିବାର ଅପରାହ୍ନରେ କାଳବୈଶାଖୀ ହୋଇଥିଲା। ଘଡ଼ ଘଡ଼ି ସହ ଜୋରରେ ପବନ ସହିତ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଜାଗରେ ଗଛ ଭାଙ୍ଗିବା ସହ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଛି। ସେହିପରି ବାଲିମେଳା ଗୋପବନ୍ଧୁ ଛକଠାରୁ ପାୱାର ହାଉସ୍ ରାସ୍ତା ଆଏମ୍‌ସଟି ସ୍କୁଲ ନିକଟରେ ବିରାଟ ଗଛ ପଡି ଯିବାରୁ ରାସ୍ତା ଅବରୋଧ ହୋଇଥିଲା। ପରେ ସ୍ଥାନୀୟ ଲୋକମାନେ ଗଛ କାଟି ରାସ୍ତା ସଫା କରିଥିଲେ। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ୧୦ନ ୱାର୍ଡର ଆଏମସଟି ସ୍କୁଲ ପଛପଟେ ଥିବା ବସ୍ତି ବାସିନ୍ଦାଙ୍କର ପ୍ରାୟ ୧୦ ଉର୍ଦ୍ଧ୍ୱ ଘର ଟିଣ ଓ କଚା ଘର କାନ୍ଥ ପଡି ଯାଇଛି। ଖବର ପାଇଁ ବାଲିମେଳା ଏନ୍‌ଏସି ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କୁ ରାତ୍ରି ଯାପନ ପାଇଁ ନିକଟରେ ଥିବା ଆଇଏମ ସ୍କୁଲ ଖୋଲି ଚୂଡ଼ା ବିସ୍କୁଟ ପାଣିର ବ୍ୟବସ୍ଥା କରିଥିଲେ।



ଏକ ଘରର ଛପର ଉଡିଯାଇଛି ।

### ଗୋଟି ପହଣ୍ଡିରେ ସ୍ନାନ ବେଦୀକୁ ଆସିଲେ ଶ୍ରୀଜୀଉ

ବାଲିମେଳା,(ଡି.ଏନ.ଏ.)– ମାଲକାନଗିରି ଜିଲା ବାଲିମେଳା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦେବସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡି କରି ସ୍ନାନ ମଣ୍ଡପରେ ବିଜେ କରାଯାଇ ଏ ବର୍ଷର ରାଜା ଭାବେ ପୋଟେରୁ ଜଳସେଚନ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଚନ୍ଦ୍ର ଶେଖର ମିଶ୍ରଙ୍କ ପାଖକୁ ଅଜ୍ଞା ମାଳା ନେଇ ମନ୍ଦିର ମୁଖ୍ୟ ପୂଜକ ମୃତ୍ୟୁଞ୍ଜୟ ଦାସ ଓ ସମସ୍ତ ବ୍ରାହ୍ମଣ ଯାଇଥିଲେ। ଏହା ପରେ ସ୍ନାନ ମଣ୍ଡପରେ ୧୦୮ ଗରା ଜଳରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗଜାନନ ବେଶ କରାଯାଇ ମିଶ୍ରଙ୍କ ଦାରା ପୂଜା କରାଯାଇଥିଲା।

ଦାମନଯୋଡି,(ଡି.ଏନ.ଏ.)– ଦାମନଯୋଡିର ନାଲକୋ ଟାଉନସିପ୍‌ସ୍ଥିତ ସେକ୍ଟର ୧ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପରେ ୧୦୮ଗରା ଜଳରେ ସ୍ନାନ କରାଯାଇଥିଲା। ନାଲ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ସୁଶିଲ କୁମାର ପାଢୀ ମୁଖ୍ୟ ପୁରୋଧା ଭାବେ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ତଥା ନାଲକୋ ସମୂହ ମହାପ୍ରବନ୍ଧକ ସୁରେଶ ଚନ୍ଦ୍ର ସାମଲ ଛେରାପହଁରା କରିଥିଲେ। ପୂଜାପରେ ମହାପ୍ରଭୁଙ୍କ ଗଜାନନ ବେଶ ହୋଇଥିଲା।

# ଉଦ୍‌ଘାଟନୀ ମ୍ୟାଚ ଜିତିଲା ଶିଖପାଲି

ପୋଟେରୁ,୪।୬(ଡ.ଏନ.ଏ.)

**ମା' ବାସନ୍ତୀ କ୍ରିକେଟ ଟୁର୍ନାମେଣ୍ଟ**

କାଲିମେଲା ବ୍ଲକ ବଦିଲି ଗ୍ରାମ ପଞ୍ଚାୟତର ବଦିଲିଗୁଡାଠାରେ ଆୟୋଜିତ ମା' ବାସନ୍ତୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲା ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ଆଡ଼ମା ରାବା ଖେଳ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଶିଖପାଲି ଟିମ ଓ କମଲଗୁଡା ଟିମ ମଧ୍ୟରେ ହୋଇଥିଲା। କମଲ ଗୁଡା ଟିମ୍‌କୁ ପରାସ୍ତ କରି ଶିଖପାଲି ଟିମ୍ ବିଜୟୀ ହୋଇଥିଲଶ। ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଖେଳାଳିମାନେ ଯେପରି ଆହୁରି ଭଲ ଖେଳ ପ୍ରଦର୍ଶନ କରିବେ ସେଥିପ୍ରତି ଯତ୍ନବାନ୍ ହେବାକୁ ମୁଖ୍ୟ ଅତିଥି ରାବା ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମୁକୁନ୍ଦ ସୋଡି, କାଲିମେଳା ବ୍ଲକ ଅଧକ୍ଷା ସୁଭାଷିନୀ ସୋଡି, ବଦିଲି ସରପଞ୍ଚ ଦୀନବନ୍ଧୁ ମାଢ଼ି, ସମିତିସଭ୍ୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାଇକେଲରେ ବୁଲି ପ୍ରଦୂଷଣମୁକ୍ତ ଭାରତ ଗଠନର ବାର୍ତ୍ତା

ପାପଡାହାଣ୍ଡି,୪।୬ (ଡି.ଏନ.ଏ )

ଦୈନନ୍ଦିନ ଗଛ କଟା ଯୋଗୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାଦ୍ୱାରା ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଠିକ ସମୟରେ ଋତୁ ଚକ୍ର ଘଟୁ ନ ଥିବାରୁ ବିଶ୍ୱବାସୀଙ୍କୁ ବାରମ୍ବାର ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ଏପରି ସମୟରେ କୋଲକତାର ରାମ ପ୍ରସାଦ ନସ୍କର ନାମକ ଜଣେ ବ୍ୟକ୍ତି ସାଇକେଲରେ ଯାତ୍ରା କରି, ଗାଁ ଗାଁ ବୁଲି ଲୋକଙ୍କୁ ପରିବେଶ ନେଇ ସଚେତନତତା ସୃଷ୍ଟି କରୁଛନ୍ତି। ତେବେ ପେସାରେ ସେ ଜଣେ ଶିକ୍ଷକ, କିନ୍ତୁ ପ୍ରତି ବର୍ଷ ଗ୍ରୀଷ୍ମ ଅବକାଶ ଆସିଲେ ସେ ସାଇକେଲ ଧରି ବାହାରିଯାନ୍ତି ଭାରତ ଭ୍ରମଣରେ। ଗାଁ ଗାଁ ବୁଲି ଲୋକଙ୍କୁ ପ୍ରଦୂଷଣ ମୁକ୍ତ ରଖିବା, ଗଛ ଲଗାଇବା ଏବଂ ବହୁଳ ମାତ୍ରାରେ ମୋଟର ଗାଡି ବ୍ୟବହାର ନ କରି ସାଇକେଲ ଚଳାଇ ସୁସ୍ଥ ରହିବା ଲାଗି ସେ ପରାମର୍ଶ ଦେଉଛନ୍ତି। କଳାହାଣ୍ଡି ଜିଲା ଦେଇ ସେ ରବିବାର ପାପଡାହାଣ୍ଡିରେ ପହଞ୍ଚିବା ପରେ ତାଙ୍କୁ ସ୍ଥାନୀୟ ଯୁବ ସମାଜ ତରଫରୁ ସ୍ୱାଗତ କରାଯାଇଥିଲା। ନସ୍କର ଇତିମଧ୍ୟରେ ଗତ ମେ ୨୨ତାରିଖରୁ ବାହାରି ଓଡିଶାର ୧୫ ଟି ଜଲା ବୁଲି ଲୋକଙ୍କୁ ସଚେତନତା କରିଥିବା କହିଛନ୍ତି । ଦିନକୁ ସେ ୧୦୦ କିମିରୁ ଉର୍ଦ୍ଧ୍ୱ ସାଇକେଲରେ ଯାତ୍ରା କରୁଛନ୍ତି । ତେବେ ସେ ପୂରା ଓଡିଶା ଯାତ୍ରା କରି କୋଲକତା ଫେରିବେ ବୋଲି ସୂଚନା ଦେଇଛନ୍ତି ।




ରାମ ପ୍ରସାଦ ନସ୍କର

### ମାଥିଲିରେ ଶୋକସଭା

ମାଥିଲି, ୪।୬ (ଡି.ଏନ.ଏ): ବାଲେଶ୍ୱର ଜିଲାର ବାହାନଗାଠାରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଆତ୍ମାର ସଦଗତି ନିମନ୍ତେ ମାଲକାନଗିରି ଜିଲା ମାଥିଲି ବ୍ଲକ ସଭା ଗୃହଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମାଥିଲି ବିଡିଓ ହୃଷୀକେଶ ଗଣ୍ଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ମୃତକଙ୍କ ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବାଲେଶ୍ୱର ଟ୍ରେନ ଟ୍ରାଜେଡି ଅତ୍ୟନ୍ତ ହୃଦୟ ବିଦାରକ ବୋଲି ସଭାରେ ମତପ୍ରକାଶ ପାଇଥିଲା । ସଭାରେ ପିଇଓ, ଜେଇ, ଜିଆରଏସ, ବ୍ଲକ କର୍ମଚାରୀଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ ।

## ନୂତନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହ ନିର୍ମାଣ ନେଇ ଜମି ଚିହ୍ନଟ



ଅଧିକାରୀମାନେ ଜମି ଚିହ୍ନଟ କରୁଛନ୍ତି।

ନନ୍ଦପୁର, ୪।୬ (ଡି.ଏନ.ଏ.)

ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ହିକିମପୁଟ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ନୂତନ ଗୃହ ନିର୍ମାଣ ଲାଗି ଶନିବାର ଜମି ଚିହ୍ନଟ ହୋଇଛି। ୪୬ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହେବ। ଏନେଇ ଅର୍ଥ ମଞ୍ଜୁର ପରେ ବ୍ଲକ ପ୍ରଶାସନ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଛି। ଶନିବାର ନନ୍ଦପୁର ତହସିଲଦାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ପଣ୍ଡେଇ ମହାନ୍ତି, ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୂବରାଜ ମୁର୍ମୁ, ବିଧାୟକଙ୍କ ସ୍ୱାସ୍ଥ୍ୟ ପ୍ରତିନିଧି ସୁନୀଲ ସାହୁ, ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରି, ଠିକାଦାର କାମେସ ଗୋଲରୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ ହୋଇଛି। ଏଥିପାଇଁ ନିଳଦୋରାପୁଟ ମୌଜାର ଖାତା ନଂ. ୬୭ର ପ୍ଲଟ ନଂ. ୩୧୫ରେ ଥିବା ୧୭ ଏକର ୭୨ସେଣ୍ଟ ଜମି ମଧ୍ୟରୁ ୧୦ସେଣ୍ଟ ଜମି ଚିହ୍ନଟ କରାଯାଇଥିବା ଜଣାପଡିଛି। ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଠିକାଦାର ଗୋଲରି କହିଛନ୍ତି।

# ଗଜାନନ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ନବରଙ୍ଗପୁର,୪।୬ (ବି.ପ୍ର.)

ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ନୂଆ ସ୍ନାନମଣ୍ଡପରେ ରବିବାର ଶ୍ରୀଜୀଉଙ୍କ ଦେବସ୍ନାନ ନୀତି ଓ ଗଜାନନ ବେଶ ନୀତି ଅନୁଷ୍ଠିତ ହୋଇଯାଇଛି। ରବିବାର ପ୍ରାତଃ ୫ଟାରେ ନିଯୋଗ ସଦସ୍ୟ ତଥା ନବରଙ୍ଗପୁର ଗୌଡ଼ ସମାଜ ପକ୍ଷରୁ ନିକଟସ୍ଥ ଇନ୍ଦ୍ରାବତୀ ନଦୀ ଏବଂ ସମସ୍ତ ପୋଖରୀରୁ ଜଳ ଅଣାଯାଇଥିଲା। ସକାଳ ୭ରେ ମଙ୍ଗଳା ରୋପଣ ନୀତି , ୯ଟାରେ ଶ୍ରୀଜୀଉଙ୍କ ଗୋଟି ପହଣ୍ଡି ଆରମ୍ଭ ହୋଇ ୧୧ଟାରେ ସମ୍ପୂର୍ଣ୍ଣ ହେବା ପରେ ଦେବସ୍ନାନ ନୀତି ଆରମ୍ଭ ହୋଇଥିଲା। ସନ୍ଧ୍ୟା ୪ଟାରେ ଶ୍ରୀଜୀଉ ଗଜାନନ ବେଶରେ ଭକ୍ତଙ୍କ ଦର୍ଶନ ଦେଇଥିଲେ। ୬.୩୦ ମିନିଟ୍‌ରେ ସନ୍ଧ୍ୟା ଆରତୀ ଏବଂ ରାତ୍ର ୧୦.୩୦ରେ ଶ୍ରୀଜୀଉଙ୍କୁ ଗୋଟି ପହଣ୍ଡିରେ ଅଣସର ଗୃହକୁ ନିଆଯାଇଥିଲା। ସନ୍ଧ୍ୟାରେ ମନ୍ଦିର ନିକଟରେ ଏକ ଭଜନ ସମାରୋହ ଆୟୋଜନ କରାଯାଇଥିଲା । ନବରଙ୍ଗପୁର ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ନୀତିରେ କର୍ତ୍ତା ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ସଦସ୍ୟ ଓ ପରିଚାଳନା କମିଟିର ସଭାପତି ନରସିଂହ ତ୍ରିପାଠୀ, ସମ୍ପାଦକ ସତ୍ୟବାଦୀ ଷଡଙ୍ଗୀ ଓ ଦେବୋତ୍ତର ବିଭାଗ ସମେତ ଉପସ୍ଥିତ ରହି ଶ୍ରୀଜୀଉଙ୍କ ସମସ୍ତ ନୀତିରେ ସହଯୋଗ କରିଥିଲେ ।





ନବରଙ୍ଗପୁର ଶ୍ରୀ ଜଗନ୍ନାଥ ମନ୍ଦିରରେ ଗଜାନନ ବେଶରେ ସଜ୍ଜିତ ହୋଇଛନ୍ତି ଶ୍ରୀଜୀଉ । ଉମରକୋଟ ଶ୍ରୀଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ବିରାଜମାନ ତିନି ଠାକୁର ।

**ପାପଡାହାଣ୍ଡି,(ଡି.ଏନ.ଏ)–** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡିସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରବିବାର ମହା ଆଡ଼ମ୍ବରରେ ରିତିନୀତି ସହ ଦେବସ୍ନାନ ପୂର୍ଣ୍ଣିମା ଓ ଗଜାନନ ବେଶ ପାଳିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୁରୋହିତ ବାଞ୍ଛାନିଧି ନନ୍ଦଙ୍କ ତତ୍ତ୍ୱାବଧାନରେ ସକାଳ ୧୦ଟାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗୋଟି ପହଣ୍ଡି କରାଯାଇ ସ୍ନାନମଣ୍ଡପକୁ ନିଆଯା ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହି ଅବସରରେ ଲକ୍ଷ୍ମଣ ରଥ ଛେରା ପହଁରା କରିଥିଲେ। ପରେ ଗଜାନନ ବେଶରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତୀ ପରେ ରାତି ୮ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରକୁ ନିଆଯାଇଥିଲା।

**ଡାବୁଗାଁ,(ଡି.ଏନ.ଏ.) –** ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ରବିବାର ପାଳିତ ହୋଇଯାଇଛି । ଦଇତାପତି ସେବକମାନେ ତିନି ଠାକୁରଙ୍କୁ ସ୍ନାନବେଦୀକୁ ଆଣିବା ପରେ ମହାପ୍ରଭୁଙ୍କୁ ୧୦୮ କଳସ ଜଳରେ ସ୍ନାନ କରାଯାଇଥିଲା । ପରେ ଠାକୁରଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା । ମହାପ୍ରଭୁଙ୍କ ଗଜାନନ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ପରେ ତିନି ଠାକୁରଙ୍କୁ ଅଣସର ଗୃହକୁ ନିଆଯାଇଥିଲା । ଏହି ସମୟରେ ମନ୍ଦିର କମିଟି ସଭାପତି ତଥା ତହସିଲଦାର କୃଷ୍ଣଚନ୍ଦ୍ର ଦାଶ, ଉପ ସଭାପତି ଜି. ଭେଙ୍କଟେଶ୍ୱର ରାଓ, କୋଷାଧକ୍ଷ ଜି. ସାଇ ରାଜୁ ଓ କମିଟି ସଭ୍ୟ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

**ଉମରକୋଟ, (ସ୍ୱ.ପ୍ର)–** ନବରଙ୍ଗପୁର ଜିଲା ଉମରକୋଟ ଜଗନ୍ନାଥ ମନ୍ଦିରରେ ରବିବାର ପାରମ୍ପରିକ ରୀତିନିତି ଅନୁଯାୟୀ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସକାଳୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ସରିବା ପରେ ସକାଳ ୭ଟାରେ ତିନି ଠାକୁରଙ୍କୁ ସାନ୍ନମଣ୍ଡପକୁ ଅଣାଯାଇଥିଲା। ରୀତି ନୀତି ଅନୁଯାୟୀ ମନ୍ଦିରର ରାଜ ପୁରହିତ ଗୌରହରି ମିଶ୍ରଙ୍କ ଦ୍ୱାରା ସମସ୍ତ ପୂଜା କାର୍ଯ୍ୟ ସରିବା ପରେ ନିକଟସ୍ଥ ନଦୀରୁ ଜଳ ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇ ମହାପ୍ରଭୁଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଆଳତି ସରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସରଘରକୁ ନିଆଯାଇଥିଲ।

**କୋଷାଗୁମୁଡ଼ା,(ଡି.ଏନ.ଏ)–** କୋଷାଗୁମୁଡ଼ା ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ବିଧି ପୂର୍ବକ ମହାପ୍ରଭୁଙ୍କ ସ୍ନାନଯାତ୍ରା ସମାପନ ହୋଇଛି। ମନ୍ଦରର ମୁଖ୍ୟ ପୁରୋହିତ, ପୂଜକମାନେ ବ୍ରାହ୍ମ ମୁହୂର୍ତ୍ତରେ ଗ୍ରାମରେ ପ୍ରବାହିତ ଭାସ୍କଲ ନଦୀରୁ ୧୦୮ କଳସ ଜଳ ଆଣି ସେଥିରେ ଶୁଦ୍ଧ ଗଙ୍ଗାଜଳ ମିଶାଇ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଅପରାହ୍ଣ ୨ଟାରେ ଠାକୁରଙ୍କୁ ଗଜାନନ ବେଶ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ଅଣସର ଗୃହକୁ ନିଆଯାଇଥିଲା । ସ୍ନାନଯାତ୍ରାରେ ମୁଖ୍ୟ ପୁରୋହିତ ଅଜିତ କୁମାର ତ୍ରିପାଠୀ, ନୀଳାମ୍ବର ତ୍ରିପାଠୀଙ୍କ ସମତେ ୧୮ ଜଣ ଦଇତାପତି ସହଯୋଗ କରିଥିଲେ।

